


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୧୯ ଜୁଲାଇ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 19 July 2024

Vol.No. 35 ■ No.193 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଅପେକ୍ଷାର ଅନ୍ତ ଘଟିଲା: ଖୋଲିଲା ଶ୍ରୀମନ୍ଦିରର ଭିତର ରତ୍ନଭଣ୍ଡାର

- ଅସ୍ଥାୟୀ ଭଣ୍ଡାରକୁ ସ୍ଥାନାନ୍ତର ହେଲା ମହାପ୍ରଭୁଙ୍କ ରତ୍ନଭଣ୍ଡାର ସାମଗ୍ରୀ
- ଭିତର ରତ୍ନଭଣ୍ଡାରରେ ସୁଡ଼ଙ୍ଗ ଅଛି କି ନାହିଁ ଲେଜର ସ୍କାନିଂ ପରେ ଜଣାପଡ଼ିବ: ଗଜପତି



ପୁରୀ, ୧୮/୭ (ନି.ପ୍ର): ଅପେକ୍ଷାର ଅନ୍ତ ଘଟିଲା । ଖୋଲିଲା ଶ୍ରୀମନ୍ଦିରର ଭିତର ରତ୍ନଭଣ୍ଡାର । ପ୍ରାୟ ୫ ଦଶନ୍ଧି ପରେ ଭିତର ରତ୍ନଭଣ୍ଡାରର ଦିବ୍ୟ ଅଳଙ୍କାରକୁ ଦେଖିବ ଚର୍ମଚକ୍ଷୁ । ରାଜରାଜୁଡ଼ା ଅମଳର ପ୍ରାଚୀନ ସିନ୍ଦୁକ ଓ ଆଲମିରା ଖୋଲିବା ପରେ ବହୁ ଅକୁହା କଥା ପଦାକୁ ଆସିବ । ଶୁଭ ସମୟ ସକାଳ ୯ଟା ୫୧ରେ ଖୋଲିଛି ।ଗତ ରବିବାର ବାହାର ରତ୍ନଭଣ୍ଡାର ଖୋଲି ସ୍ୱର୍ଣ୍ଣ ଓ ରୌପ୍ୟ ଅଳଙ୍କାର ଗୁଡ଼ିକୁ ଅସ୍ଥାୟୀ ଷ୍ଟ୍ରଙ୍ଗରୁମକୁ ସ୍ଥାନାନ୍ତର ହୋଇଥିବା ବେଳେ, ଆଜି ଭିତର ଭଣ୍ଡାରର ଖୋଲିଛି । ଏସଓପି ମୁତାବକ ୧୧ ଜଣିଆ ଅଧିକୃତ ଟିମ୍ ଜିଲ୍ଲା ଟ୍ରେଜେରିରୁ ଚାବି ଆଣି ଭିତର ରତ୍ନଭଣ୍ଡାରରେ ପଡ଼ିଥିବା ୨ଟି ନୂଆ ତାଲା ଖୋଲିଛନ୍ତି । କେହି କୌଣସି ଧାତବ ପଦାର୍ଥ କିମ୍ବା ସୁନା ଅଳଙ୍କାର ପିନ୍ଧି ଯାଇ ନାହାଁନ୍ତି । ଭିତର ଭଣ୍ଡାର ତାଲା ଖୋଲାଯାଇ ସିନ୍ଦୁକ ଓ ଆଲମାରୀରେ ଥିବା ଅଳଙ୍କାର ଗୁଡ଼ିକୁ ସୁରକ୍ଷିତ ଭାବେ ଖଟଶେଯ ଘରେ ଅସ୍ଥାୟୀ ଷ୍ଟ୍ରଙ୍ଗରୁମକୁ ସ୍ଥାନାନ୍ତର କରାଯିବ। ସମସ୍ତ ସ୍ଥାନାନ୍ତରଣ ପ୍ରକ୍ରିୟାର ଭିଡିଓଗ୍ରାଫି କରାଯିବ। ସ୍ଥାନାନ୍ତରଣ ପରେ ଅସ୍ଥାୟୀ ରତ୍ନଭଣ୍ଡାର ତାଲାକୁ ଜଉମୁଦ ସିଲ୍ କରାଯିବ ଏବଂ ଚାବିକୁ ପୁଣି ଟ୍ରେଜେରୀରେ ରଖାଯିବ। ଏହା ପରେ ରତ୍ନଭଣ୍ଡାର ମରାମତି ଆରମ୍ଭ କରିବ ଇଏସଓ। ଆଜି ମଧ୍ୟ ସ୍ନେକ୍ ହେଲ୍ପ ଲାଇନ, ଓଡ୍ରାଫ୍, ସ୍ୱେଚ୍ଛାସେବୀ, ଡାକ୍ତରୀ ଟିମ୍ ମୁତୟନ ହୋଇଛନ୍ତି । ଅଳଙ୍କାର ଗୁଡ଼ିକୁ ଷ୍ଟ୍ରଙ୍ଗରୁମରେ ନୂଆ ସିନ୍ଦୁକରେ ରଖିବା ପରେ ଭିତର ରତ୍ନଭଣ୍ଡାରର ପ୍ରାଚୀନ ସିନ୍ଦୁକ ଓ ଆଲମିରା ଗୁଡ଼ିକୁ ମ୍ୟୁଜିୟମରେ ରଖିବାକୁ ଯୋଜନା କରାଯାଉଛି। ମହାପ୍ରଭୁଙ୍କ ଭିତର ରତ୍ନଭଣ୍ଡାର ଆଜି ଅସ୍ଥାୟୀ ଭଣ୍ଡାରକୁ ସ୍ଥାନାନ୍ତର ହୋଇଛି। ଏହି କାମ କରିବା ପାଇଁ ପ୍ରାୟ ସାଢ଼େ ୭ ଘଣ୍ଟା ସମୟ ଲାଗିଛି। ରତ୍ନଭଣ୍ଡାର ତଦାରଖ କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ ଗୁରୁବାର ସନ୍ଧ୍ୟାରେ ଗଣମାଧ୍ୟମକୁ ଏହି ପ୍ରତିକ୍ରିୟା ଦେଇଛନ୍ତି। ଶ୍ରୀମନ୍ଦିର ରତ୍ନଭଣ୍ଡାରରୁ ବାହାରିଲା ପରେ ଗଣମାଧ୍ୟମକୁ ସେ କହିଛନ୍ତି, ପୂର୍ବରୁ ପ୍ରଥମ ଦଫାରେ ଗତ ୧୪ ତାରିଖରେ ବାହାର ଭଣ୍ଡାର ଖୋଲାଯାଇଥିବା ବେଳେ ଆଜି ବହୁ ପ୍ରତୀକ୍ଷିତ ଭିତର ରତ୍ନଭଣ୍ଡାର ଖୋଲିଛି। ଓଡ଼ିଶାବାସୀଙ୍କର ଯେଉଁ ଆଶା ଓ ଆଶଙ୍କା ଥିଲା ତାହା ଦୂର ହୋଇଛି। ସବୁ ଅଳଙ୍କାର ସୁରକ୍ଷିତ ରହିଛି। ଏହା ଅସ୍ଥାୟୀ ଷ୍ଟ୍ରଙ୍ଗ ରୁମ୍‌କୁ ସ୍ଥାନାନ୍ତର କରାଯାଇଛି। ଜଷ୍ଟିସ ବିଶ୍ୱନାଥ ରଥ କହିଛନ୍ତି, ମହାପ୍ରଭୁଙ୍କ ▶▶ପୃଷ୍ଠା ୭

## ସିଏମଓରୁ ଆଇଏଏସ୍ ରୂପାରୋଶନ ସାହୁ ବିଦା

ଭୁବନେଶ୍ୱର, ୧୮/୭ (ନି.ପ୍ର): ରାଜ୍ୟରେ ବିଜେପି ସରକାର ଦାୟିତ୍ୱ ଗ୍ରହଣ କରିବାର ପ୍ରାୟ ମାସକ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ଅଫିସ(ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ)ର ଅଫିସର୍ସ ଟିମ୍ ଗଢ଼ିଛନ୍ତି । ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ(ସିଏମଓ)ରେ ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟରତ ରୂପାରୋଶନ ସାହୁଙ୍କୁ ଆଜି ହଟାଇ ଦିଆଯାଇଛି । ରୂପାଙ୍କ ବଦଳି ସହ ପୂର୍ବର ନବୀନ ପଟ୍ଟନାୟକ ସରକାରରେ ପାୱାରଫୁଲ୍ ଥିବା ସମସ୍ତ ଅଫିସରଙ୍କୁ ସିଏମଓରୁ ହଟାଇ ଦିଆଯାଇଛି । ଆଜି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଆଉ ଜଣେ ଅନୁସଚିବ ଓ ୫ଜଣ ସଚିବାଳୟ ସେବା ଅଫିସରଙ୍କୁ ମଧ୍ୟ ନିଯୁକ୍ତି ମିଳିଛି । ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଆଜି ଜାରି ବିଜ୍ଞପ୍ତି ▶▶ପୃଷ୍ଠା ୭

## ଦାନା ବାନ୍ଧିଲାଣି ଆଉ ଏକ ଲଘୁଚାପ

ଭୁବନେଶ୍ୱର, ୧୮/୭ (ନି.ପ୍ର): ଗୋଟିଏ ନୟାଉଣୁ ଆଉ ଏକ ଲଘୁଚାପ ଦାନା ବାନ୍ଧିଲାଣି ବଙ୍ଗୋପସାଗରରେ। କେନ୍ଦ୍ରୀୟ ଓ ସଂଲଗ୍ନ ଉତ୍ତର ବଙ୍ଗୋପସାଗରରେ ଏହି ଲଘୁଚାପ କ୍ଷେତ୍ରଟି ସୃଷ୍ଟି ହୋଇଛି। ଯାହା ଆସନ୍ତା ୨ ଦିନ ଭିତରେ ଘନୀଭୂତ ହୋଇ ଉତ୍ତରପଶ୍ଚିମ ଦିଗକୁ ଗତି କରିବ। ଏହାର ପ୍ରଭାବରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଲାଗିରହିବ ବର୍ଷା। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୩ ଦିନ ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, କଳାହାଣ୍ଡି, ନବରଙ୍ଗପୁର, କନ୍ଧମାଳ, ବୌଦ୍ଧ, ସୋନପୁର, ପୁରୀ ଓ ନୟାଗଡ଼ ଜିଲ୍ଲା ପାଇଁ ଜାରି କରାଯାଇଛି ଅରେଞ୍ଜ ୱାର୍ଣ୍ଣିଂ।

## ଶନିବାର ସୁଦ୍ଧା ନିଟ୍ ପରୀକ୍ଷାର ପୂର୍ଣ୍ଣାଙ୍ଗ ଫଳାଫଳ ପ୍ରକାଶ କର: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୮/୭ (ନି.ପ୍ର): ନିଟ ପ୍ରଶ୍ନପତ୍ର ଲିକ ମାମଲାରେ ଗୁରୁବାର ଦିନ ସୁପ୍ରିମକୋର୍ଟ ବଡ଼ ଆଦେଶ ଦେଇଛନ୍ତି। ଶନିବାର ମଧ୍ୟାହ୍ନ ୧୨ଟା ସୁଦ୍ଧା ନିଟ୍-ୟୁଜି ପ୍ରବେଶିକାର ପୂର୍ଣ୍ଣାଙ୍ଗ ଫଳାଫଳ ପ୍ରକାଶ କରିବାକୁ ସୁପ୍ରିମକୋର୍ଟ ଜାତୀୟ ପରୀକ୍ଷା ଏଜେନ୍ସି (ଏନଟିଏ) କୁ କହିଛନ୍ତି। ଫଳାଫଳଗୁଡିକ ଅନଲାଇନ୍ ଏବଂ କେନ୍ଦ୍ର ଅନୁଯାୟୀ ପ୍ରକାଶ କରିବାକୁ ଶୀର୍ଷ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ସୁପ୍ରିମକୋର୍ଟ କହିଛନ୍ତି ଯେ ଫଳାଫଳକୁ ସହର ଏବଂ କେନ୍ଦ୍ର ଅନୁଯାୟୀ ପୃଥକ ଭାବରେ ଘୋଷଣା କରାଯିବା ଉଚିତ। ଛାତ୍ରଛାତ୍ରୀଙ୍କ ପରିଚୟ ଲୁଚାଇବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ଏନଟିଏକୁ ଶନିବାର ଅପରାହ୍ନ ୫ଟା ପର୍ଯ୍ୟନ୍ତ ସମୟ ଦିଆଯାଇଛି। ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି କହିଛନ୍ତି ଯେ ପାଟନାରେ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଲିକ ହୋଇଛି ଏଥିରେ କୌଣସି ସନ୍ଦେହ ନାହିଁ। ଏହାପୂର୍ବରୁ କୋର୍ଟ ସରକାର, ଏନଟିଏ ଏବଂ ପ୍ରାର୍ଥୀଙ୍କୁ କଠୋର ପ୍ରଶ୍ନ ପଚାରିଥିଲେ। କୋର୍ଟ ଜାଣିବାକୁ ଚାହିଁଥିଲେ ଏତେ ବଡ ବିଶୃଙ୍ଖଳା ହୋଇଛି କି ପରୀକ୍ଷା ବାତିଲ ହୋଇପାରିବ କି ? ସୋମବାର, ଜୁଲାଇ ୨୨ରେ ▶▶ପୃଷ୍ଠା ୭

## ବଡ଼ ବଜେଟ ଆଣିପାରନ୍ତି ମୋହନ ସରକାର



ଭୁବନେଶ୍ୱର, ୧୮/୭ (ନି.ପ୍ର): ରାଜ୍ୟରେ ପ୍ରଥମ ଥର ବିଜେପି, ସରକାର ଗଠନ କରିବା ପରେ ଉପସ୍ଥାପନ କରିବାକୁ ଯାଉଛି ପ୍ରଥମ ବଜେଟ୍। ଏହାକୁ ନେଇ ଆଜି ମନ୍ତ୍ରୀ ପରିଷଦ ବୈଠକ ବସିଛି। ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଚିଠି ପ୍ରସ୍ତାବ ଉପରେ ମୋହର ବାଜିଛି। ବଜେଟକୁ ନେଇ ତୁହାକୁ ତୁହା ଆଲୋଚନା ପର୍ଯ୍ୟାଲୋଚନା କରୁଛନ୍ତି ମୋହନ ସରକାର। କାରଣ ଏହି ବଜେଟରେ ସରକାରଙ୍କ ପାଇଁ ୨ଟି ବଡ଼ ଚ୍ୟାଲେଂଜ ରହିଛି। ପ୍ରଥମ ଚ୍ୟାଲେଂଜ – ନିର୍ବାଚନରେ ବିଜେପି ଦେଇଥିବା ପ୍ରତିଶ୍ରୁତି ପୂରଣ କରିବା, ଦ୍ୱିତୀୟ ଚ୍ୟାଲେଂଜ ହେଉଛି – ପୂର୍ବ ସରକାରଙ୍କ ଯୋଜନାଗୁଡିକୁ ଜାରି ରଖିବା। ▶▶ପୃଷ୍ଠା ୭

## ମୋଦିଙ୍କ ଜମ୍ମୁ-କଶ୍ମୀର ବୈଠକ

### ଆତଙ୍କବାଦୀଙ୍କ ମୁକାବିଲା ପାଇଁ ନିଆଗଲା ବଡ଼ ନିଷ୍ପତ୍ତି



ନୂଆଦିଲ୍ଲୀ, ୧୮/୭ : ବେଶ କିଛି ଦିନ ହେବ ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ ହମଲା ବଢ଼ିବାରେ ଲାଗିଛି। ଗୋଟିଏ ପରେ ଗୋଟିଏ ସ୍ଥାନରେ ସୁରକ୍ଷାକର୍ମୀ ଓ ଆତଙ୍କବାଦୀ ମୁହାଁମୁହିଁ ହେଉଛନ୍ତି। ଉପତ୍ୟକାରେ ଆତଙ୍କୀ ହମଲା ବଢୁଥିବାରୁ ଆଜି ସ୍ଥିତିର ସମୀକ୍ଷା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଆଜି ତାଙ୍କ ଅଧ୍ୟକ୍ଷତାରେ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ ବସିଥିଲା। ଏହି କ୍ୟାବିନେଟରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଓ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମଧ୍ୟ ରହିଥିଲେ। ଏମାନଙ୍କ ବ୍ୟତୀତ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ବୈଠକରେ ଉପସ୍ଥିତ ରହିଥିଲେ। କୁହାଯାଉଛି ଯେ ଉପତ୍ୟକାରେ ବଢୁଥିବା ଆତଙ୍କବାଦ କାର୍ଯ୍ୟକଳାପ ବିରୋଧରେ ଆରମ୍ଭ ହୋଇଥିବା ଅପରେସନକୁ ଆହୁରି ଜୋରଦାର କରାଯିବ। ସେନାକୁ ସବୁ ପ୍ରକାରର ପଦକ୍ଷେପ ଗ୍ରହଣ କରିବାକୁ ମୋଦି ଖୋଲା ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଆତଙ୍କବାଦୀଙ୍କ ମୁକାବିଲା ପାଇଁ ନୂଆ ରଣନୀତି ଆପଣାଇବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଆଜିର ବୈଠକରେ ମୋଦି ଆତଙ୍କବାଦ ନିରୋଧ ଅପରେସନରେ ଅଧିକ ସଂଖ୍ୟକ ସେନା ବାହନୀକୁ ନିୟୋଜତ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ବୈଠକର କିଛି ଘଣ୍ଟା ପୂର୍ବରୁ ଜମ୍ମୁ-କଶ୍ମୀରର ଡୋଡାରେ ଚାଲିଥିବା ଏନକାଉଣ୍ଟରେ ୨ ଜଣ ଯବାନ ଆହତ ହୋଇଥିଲେ। ଏଠାରେ ସୋମବାର ଠାରୁ ଏନକାଉଣ୍ଟର ଚାଲିଥିବା ବେଳେ ଏଥିରେ ମଙ୍ଗଳବାର ଭୋର ସମୟରେ ଜଣେ କ୍ୟାପଟ୍ଟେନଙ୍କ ସହ ୪ ଜଣ ସୁରକ୍ଷାକର୍ମୀ ସହିଦ ହୋଇଥିଲେ। ସେଠାରେ ଏବେ ବି ସର୍ଚ୍ଚ ଅପରେସନ ଜାରି ରହିଛି। ଗତ ମାସରେ ମଧ୍ୟ ମୋଦି ଜମ୍ମୁ-କଶ୍ମୀର ସ୍ଥିତିକୁ ନେଇ ସମୀକ୍ଷା ବୈଠକ କରିଥିଲେ। ଏହି ସମୟରେ ସେ ଶାହ, ଡୋଭାଲ ଓ ଜମ୍ମୁ-କଶ୍ମୀରର ଉପ ରାଜ୍ୟପାଳ ମନୋଜ ସିହ୍ନାଙ୍କ ସହ କଥା ହୋଇଥିଲେ। ମୋଦିଙ୍କୁ ଜମ୍ମୁ-କଶ୍ମୀରର ସ୍ଥିତି ▶▶ପୃଷ୍ଠା ୭

## ଧର୍ମଶାଳାର ବିଭିନ୍ନ ଖଣିରେ ଚଢାଉ

ଯାଜପୁର, ୧୮/୭ (ନି.ପ୍ର): ଯାଜପୁର ଜିଲ୍ଲା ଧର୍ମଶାଳାର ଡଙ୍କାରୀ, ଚଢେଇଧରା, ଲୁଣିବର ଖଣି ଅଞ୍ଚଳରେ ଆଜି ଚଢାଉ କରିଛି ଖଣି ବିଭାଗର ଏକ ସ୍ୱତନ୍ତ୍ର ଟିମ୍। ବିଧାୟକଙ୍କ ଅଭିଯୋଗ ଅନୁସାରେ- ସଂପୃକ୍ତ ଅଞ୍ଚଳରେ (ଏରଢ ଓଘ) କେତୋଟି ବେଆଇନ ଖଣି ଚାଲିଛି, ଲିଜ୍‌ପ୍ରାପ୍ତ ଖଣି ଗୁଡ଼ିକ ନିୟମ ପାଳନ କରିଛନ୍ତି କି ନାହିଁ, କେଉଁମାନେ ଏକ୍ସେସ ମାଇନିଂ କରିଛନ୍ତି, ପରବେଶ ମଞ୍ଜୁରୀ ଅଛି କି ନାହିଁ, ଏସବୁର ଯାଞ୍ଚ କରିଛନ୍ତି ଖଣି ବିଭାଗର ଅଧିକାରୀ ମାନେ। ଏପରିକି ନିଜେ ଅଭିଯୋଗକାରୀ ଧର୍ମଶାଳାର ବିଧାୟକ ହିମାଂଶୁ ସାହୁ ଅଧିକାରୀ ମାନଙ୍କୁ ବୁଲି ବୁଲି ବିବାଦୀୟ ଖଣି ସବୁ ଦେଖାଇଥିଲେ। ଜୁନ୍ ୨୮ ତାରିଖରେ ଖଣି ବିଭାଗ ନିର୍ଦ୍ଦେଶକଙ୍କୁ ଚିଠି ଲେଖି ଧର୍ମଶାଳା ଅଞ୍ଚଳରେ ଏକାଧିକ ବେଆଇନ ଖଣି ଚାଲିଥିବା କଥା ଉଲ୍ଲେଖ କରିଥିଲେ ▶▶ପୃଷ୍ଠା ୭

## ପୁଣି ଟ୍ରେନ ଦୁର୍ଘଟଣା: ୧୨ ବଗି ଲାଇନଚ୍ୟୁତ, ୪ ମୃତ




ନୂଆଦିଲ୍ଲୀ, ୧୮/୭ : ପୁଣି ଗୋଟିଏ ବଡ଼ଧରଣର ଟ୍ରେନ ଦୁର୍ଘଟଣା। ଲାଇନଚ୍ୟୁତ ହୋଇଛି ଚଣ୍ଡିଗଡ଼-ଡିବ୍ରୁଗଡ଼ ଏକ୍ସପ୍ରେସ। ଏହି ଏକ୍ସପ୍ରେସର ମୋଟ ୧୨ଟି ବଗି ଲାଇନଚ୍ୟୁତ ହୋଇଛି। ଏହା ମଧ୍ୟରେ ୪ ଏସି ବଗି ରହିଛି। ବର୍ତ୍ତମାନ ସୁଦ୍ଧା ଏଥିରେ ୪ ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦ରୁ ଅଧିକ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ମିଳିଥିବା ସୂଚନା ଅନୁସାରେ, ଟ୍ରେନ ନମ୍ବର ୧୫୯୦୪ ଚଣ୍ଡିଗଡ଼ରୁ ଲୋକଙ୍କୁ ଧରି ଆସାମର ଡିବ୍ରୁଗଡ଼ ଯାଉଥିଲା। କିନ୍ତୁ ଦିନ ୨.୩୫ରେ ଉତ୍ତର ପ୍ରଦେଶର ଗୋଣ୍ଡା ଓ ଝିଲାହି ମଧ୍ୟରେ ଏହା ଦୁର୍ଘଟଣାଗ୍ରସ୍ତ ହୋଇଛି। ଟ୍ରେନର ୧୨ଟି ବଗି ଝିଲାହି ଷ୍ଟେସନ ଠାରୁ ଅଳ୍ପଦୂରରେ ଥିବା ପିକାଉରା ଠାରେ ଓଲଟି ପଡ଼ିଛି। ସାମ୍ନାକୁ ଆସିଥିବା ଫଟୋରେ ଓଲଟି ପଡ଼ିଥିବା ବଗି ମଧ୍ୟରେ ଅନେକ ଲୋକ ଫସି ରହିଥିବା ଦେଖିବାକୁ ମିଳୁଛି। ଆଉ କିଛି ଲୋକ ଟ୍ରେନ ଲାଇନରେ ପଡ଼ି ରହିଛନ୍ତି। ସେହିପରି ଲୋକମାନେ ନିଜର ଜିନିଷ ସହ ଟ୍ରାକରେ ଛିଡ଼ା ହୋଇଥିବା ଦୃଶ୍ୟ ସାମ୍ନାକୁ ଆସିଛି। ଟ୍ରେନରେ ଥିବା ଜଣେ ଯାତ୍ରୀ କହିଛନ୍ତି, "ମୁଁ ଅଳ୍ପକେ ରକ୍ଷା ପାଇଯାଇଛି। ବଞ୍ଚି ଯାଇଥିବାରୁ ଭାଗ୍ୟବାନ ମଣୁଛି। ବ୍ୟସ୍ତ ହେବାର କିଛି ନାହିଁ। ମୁଁ ପୂରା ଠିକ ଅଛି। ହେଲେ ଅନେକ ଲୋକ ଓଲଟି ପଡ଼ିଥିବା ବଗି ଭିତରେ ଫସି ରହିଛନ୍ତି।" ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ପରିସ୍ଥିତିର ଅନୁଧ୍ୟାନ କରିଛନ୍ତି। ଏଥିସହ ଅଧିକାରୀମାନଙ୍କୁ ଘଟଣା ଉପରେ ନଜର ରଖିବାକୁ କହିଛନ୍ତି। ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ଘଟଣାକୁ ଗୁରୁତ୍ୱର ଭାବେ ନିଆଯାଇଛି। ▶▶ପୃଷ୍ଠା ୭

## ରଥାରୂଢ଼ ଶ୍ରୀବିଗ୍ରହଙ୍କ ସମ୍ମୁଖରେ ରଥ ଉପରେ ଅଧରପଣା ପୂଜା ନୀତି ସଂପନ୍ନ



ପୁରୀ, ୧୮/୭ (ନି.ପ୍ର): ବଡ଼ଦାଣ୍ଡକୁ ଅବତରଣ ପରେ ମହାପ୍ରଭୁଙ୍କ ଦର୍ଶନ ସହ ମୁକ୍ତି ପାଇଁ ଚଣ୍ଡୀଚାମୁଣ୍ଡା, ଅଶରୀରୀମାନେ ଘୁରି ବୁଲୁଥାନ୍ତି। ସେଇମାନଙ୍କୁ ତୃପ୍ତ କରିବା ପାଇଁ ଶୁକ୍ରବାର ଆଷାଢ଼ ଶୁକ୍ଳ ଦ୍ୱାଦଶୀ ଜ୍ୟେଷ୍ଠ ନକ୍ଷତ୍ର ତିଥିରେ ରଥାରୂଢ଼ ଶ୍ରୀବିଗ୍ରହଙ୍କ ସମ୍ମୁଖରେ ରଥ ଉପରେ ଅଧରପଣା ପୂଜା ନୀତି ସଂପନ୍ନ ହୋଇଛି। ଚତୁର୍ଦ୍ଧା ବିଗ୍ରହଙ୍କଠାରେ ଏହି ପଣା ଲାଗି ହେବା ପରେ ରଥ ଉପରେ ଅଧରପଣା ହାଣ୍ଡିକୁ ଭାଙ୍ଗି ଚଣ୍ଡିଚାମୁଣ୍ଡା, ଅଶରୀରୀମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଛି। ତିନିଠାକୁରଙ୍କଠାରେ ୯ଟି ମାଟି ହାଣ୍ଡିରେ ଅଧରପଣା ଲାଗି ହୋଇଛି। ଏଥିପାଇଁ ସ୍ୱତନ୍ତ୍ର ଅଧରହାଣ୍ଡି ପ୍ରସ୍ତୁତ ହୋଇଥିବା ବେଳେ ଗୁରୁବାର ଶ୍ରୀଜିଉଙ୍କ ଅଧର ଉଚ୍ଚର ଏହି ତିନି ଅଧରହାଣ୍ଡି ରଥ ପାଖକୁ ବିଜେ କରିଥିଲା। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତି ଚୂଡ଼ାନ୍ତ ହୋଇଥିଲା। ନିର୍ଘଣ୍ଟ ନୀତି ଅନୁଯାୟୀ, ଆଜି ପହୁଡ଼ ନୀତି ସଂପନ୍ନ ପରେ ଗୁରୁବାର ସକାଳ ୬ଟାରୁ ସାଢ଼େ ୬ଟା ଭିତରେ ମଙ୍ଗଳଆଳତି ନୀତି ସଂପନ୍ନ ହୋଇଥିଲା।

## ସୀମାରେ ଅନୁପ୍ରବେଶ ଉଦ୍ୟମ ପଣ୍ଡ: ୨ ଆତଙ୍କୀ ସଫା




ନୂଆଦିଲ୍ଲୀ, ୧୮/୭ : ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ ହମଲା ବଢ଼ି ଚାଲିଥିବା ବେଳେ ସୁରକ୍ଷାକର୍ମୀଙ୍କୁ ମିଳିଛି ବଡ଼ ସଫଳତା। ଆଜି ଜମ୍ମୁ-କଶ୍ମୀରର କୁପୱାଡା ସ୍ଥିତ ଅନ୍ତର୍ଜାତୀୟ ନିୟନ୍ତ୍ରଣ ରେଖାରେ ହୋଇଥିବା ଅନୁପ୍ରବେଶ ଉଦ୍ୟମକୁ ସୁରକ୍ଷାକର୍ମୀମାନେ ପଣ୍ଡ କରି ଦେଇଛନ୍ତି। କୁପୱାଡା ସ୍ଥିତ ଏଲଓସି ଦେଇ ପାକିସ୍ତାନ ପଟୁ ଭାରତରେ ପ୍ରବେଶ ପାଇଁ ଚେଷ୍ଟା କରୁଥିବା ବେଳେ ସୁରକ୍ଷାକର୍ମୀଙ୍କ ଗୁଳିମାଡ଼ରେ ନିହତ ହୋଇଛନ୍ତି ୨ ଜଣ ଆତଙ୍କବାଦୀ। ଭାରତୀୟ ସେନାର ଚିନାର କ୍ରସ୍ ପକ୍ଷରୁ କୁହାଯାଇଛି ଯାଇଛି ଅନୁପ୍ରବେଶ ଉଦ୍ୟମକୁ ସଫଳତାର ସହ ମାତ ଦିଆଯାଇଛି। କୁପୱାଡାର କେରନ ସେକ୍ଟର ସ୍ଥିତ ଏଲଓସିରେ ହୋଇଥିବା ଅନୁପ୍ରବେଶରେ ୨ ଜଣ ଆତଙ୍କୀ ନିହତ ହୋଇଛନ୍ତି। ▶▶ପୃଷ୍ଠା ୭

## ଘରୋଇ କମ୍ପାନୀରେ ସଂରକ୍ଷଣ ବିଲକୁ ସ୍ଥଗିତ ରଖିଲେ କର୍ଣ୍ଣାଟକ ସରକାର

ନୂଆଦିଲ୍ଲୀ, ୧୮/୭ : ଘରୋଇ କମ୍ପାନୀରେ ୭୦ ପ୍ରତିଶତ ସଂରକ୍ଷଣ ବିଲକୁ ସ୍ଥଗିତ ରଖିଲେ କର୍ଣ୍ଣାଟକ ସରକାର। ଆଇଟି ହବ୍ କୁହାଯାଉଥିବା ବେଙ୍ଗାଲୁରୁର ଅନେକ ଶିଳ୍ପ ସଂସ୍ଥାଙ୍କ ଅସମହମତିକୁ ଦୃଷ୍ଟିରେ ରଖି ଏପରି ପଦକ୍ଷପ ନେଇଛନ୍ତି ରାଜ୍ୟ ସରକାର। ସଂରକ୍ଷଣ ବ୍ୟବସ୍ଥା ସ୍ଥଗିତ ରଖା ଯାଇଥିବା ନେଇ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଏକ୍ସ ପୋଷ୍ଟ ଯୋଗେ ସୂଚନା ଦେଇଛନ୍ତି। ଏହି ବିଲ୍ ବିଧାନସଭାରେ ଆଗତ ହେବା ପୂର୍ବରୁ ଏହା ଉପରେ ପୁନଃ ନିରୀକ୍ଷଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରକାଶ ଥାଉକି, ଗତକାଲି କର୍ଣ୍ଣାଟକ ଶ୍ରମ ମନ୍ତ୍ରୀ ରାଜ୍ୟରେ ଘରୋଇ ଶିଳ୍ପ ସଂସ୍ଥାରେ ୭୦ ପ୍ରତିଶତ ସଂରକ୍ଷଣ ନେଇ ଘୋଷଣା କରିଥିଲେ। ▶▶ପୃଷ୍ଠା ୭

# ରାଜ୍ୟ ସମବାୟ ବ୍ୟାଙ୍କ ଦୁର୍ନୀତି: କିଏ ଦେଉଛି ସୁରକ୍ଷା, କାହା ଛତ୍ରଛାୟାରେ ସଭାପତି ?

ଭୁବନେଶ୍ୱର, ୧୮/୦୭ (ନି.ପ୍ର): ସମବାୟ ଆଇନକୁ ଖୋଲା ଉଲ୍ଲଘଂନ କରି ରାଜ୍ୟ ସମବାୟ ବ୍ୟାଙ୍କ ସଭାପତି ନିଯୁକ୍ତି ଓ ବ୍ୟାଙ୍କରେ ବ୍ୟାପକ ଅନିୟମିତତା ଅଭିଯୋଗର ତଦନ୍ତ ରିପୋର୍ଟ ଏବେ ବିଜେଡି ପାଇଁ ଅଡୁଆ ବଢ଼ାଇଛି । ପ୍ରାୟ ୬କୋଟି ଟଙ୍କାରୁ ଅଧିକ ଋଣ ଖିଲାପୀ ସମବାୟ ସଂସ୍ଥାର ପ୍ରତିନିଧିଙ୍କୁ କିଭଳି ରାଜ୍ୟ ସମବାୟ ବ୍ୟାଙ୍କ ପରିଚାଳନା ସଦସ୍ୟ ଓ ସଭାପତି ପଦରେ ନିଯୁକ୍ତି ମିଳିଲା ଏବଂ ତାଙ୍କ ଦ୍ୱାରା ବ୍ୟାଙ୍କରେ ବ୍ୟାପକ ଅନିୟମିତତା ନେଇ ସଙ୍ଗୀନ ଅଭିଯୋଗ ଉପରେ ନାବାର୍ଡ କର୍ତ୍ତୃପକ୍ଷ ସ୍ପଷ୍ଟୀକରଣ ମାଗିବା ପରେ ଅନେକ ଚାଂଚଲ୍ୟକର ତଥ୍ୟ ପଦାକୁ ଆସିଛି । ରାଜ୍ୟ ସମବାୟ ବିଭାଗର ୩ଜଣିଆ ଉଚ୍ଚସ୍ତରୀୟ କମିଟି ଏସବୁ ଅଭିଯୋଗର ତଦନ୍ତ କରି ନିଜର ରିପୋର୍ଟ ସରକାରଙ୍କୁ ଦେଇଥିଲେ ମଧ ଏବେ ମୋହନ ମାଝୀଙ୍କ ସରକାରରେ କିଏ ତାଙ୍କର ତ୍ରାଣକର୍ତ୍ତା ସାଜିଛନ୍ତି ତାକୁ ନେଇ ପାୱାର କରିଡରରେ ଚର୍ଚ୍ଚା ଆରମ୍ଭ ହୋଇଛି । ଓଡ଼ିଶା ସମବାୟ ଆଇନ-୧୯୬୨ର ଧାରା ୨୮-୩(କ)କୁ ଖୋଲା ଉଲ୍ଲଘଂନ କରି ବିଜେଡି ନିଜର ପ୍ରତିନିଧି ଭାବେ ରାଜ୍ୟ ସମବାୟ ବ୍ୟାଙ୍କ ସଭାପତି ଭାବେ ଟିପି. ଆର ଦୋରାଙ୍କୁ ନିଯୁକ୍ତି ଦେବା ଏବଂ ବ୍ୟାଙ୍କ ଅର୍ଥକୁ ମନଇଚ୍ଛା ଖର୍ଚ୍ଚ କରିବା ଘଟଣାରେ କାହିଁକି କାର୍ଯ୍ୟାନୁଷ୍ଠାନ ହେଉନି ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି । ସୂଚନା ଅନୁସାରେ, ବେଆଇନ ଭାବେ ରାଜ୍ୟ ସମବାୟ ବ୍ୟାଙ୍କ ସଭାପତି ନିଯୁକ୍ତି ଓ ବ୍ୟାଙ୍କରେ ବ୍ୟାପକ ଆର୍ଥିକ ଅନିୟମିତତା ନେଇ ଅଭିଯୋଗ ଆସିବା ପରେ ରାଜ୍ୟ ସରକାରଙ୍କୁ ନାବାର୍ଡ କର୍ତ୍ତୃପକ୍ଷ ସ୍ପଷ୍ଟୀକରଣ ମାଗିଥିଲେ । ତତକାଳୀନ ମୁଖ୍ୟ ସଚିବ ପ୍ରଦୀପ ଜେନାଙ୍କ ନିର୍ଦ୍ଦେଶରେ ରାଜ୍ୟ ସମବାୟ ବିଭାଗ ଗତ ମେ' ୨୧ତାରିଖରେ ୩ଜଣିଆ କମିଟି ଗଠନ କରି ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ସଭାପତି ଓ ପରିଚାଳନା ନିର୍ଦ୍ଦେଶକଙ୍କ ବେଆଇନ ଗତିବିଧିର ତଦନ୍ତ କରିଥିଲା । କମିଟି ଧାର୍ଯ୍ୟ ୭ଦିନ ମଧ୍ୟରେ ନିଜର ତଦନ୍ତ ରିପୋର୍ଟକୁ ସମବାୟ ସଚିବ ରାଜେଶ ପ୍ରଭାକର ପାଟିଲଙ୍କୁ ପ୍ରଦାନ କରିବାପରେ ଏହା ତତକାଳୀନ ମୁଖ୍ୟ ସଚିବ ଶ୍ରୀ ଜେନାଙ୍କ ନିକଟକୁ ପଠା ଯାଇଥିଲା । ଉକ୍ତ ତଦନ୍ତ ରିପୋର୍ଟକୁ ମୁଖ୍ୟ ସଚିବଙ୍କ ଅନୁମୋଦନ ମିଳିବା ପରେ ବିଭାଗୀୟ ସଚିବ ଶ୍ରୀ ପାଟିଲ ତାକୁ ରାଜ୍ୟର ନୂଆ ସମବାୟ ମନ୍ତ୍ରୀ ପ୍ରଦୀପବଳ ସାମନ୍ତଙ୍କ ନିକଟକୁ ପଠାଇଥିଲେ । ଯାହାକୁ ମନ୍ତ୍ରୀ ଶ୍ରୀ ସାମନ୍ତ ଗତମାସରେ ଅନୁମୋଦନ କରି ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପାଇଁ ପଠାଇଥିବା ଜଣାପଡ଼ିଛି ।

ଅନ୍ୟପକ୍ଷରେ ଓଡ଼ିଶା ସମବାୟ ଆଇନ-୧୯୬୨ର ଧାରା ୨୮-୩(କ)କୁ ଖୋଲା ଉଲ୍ଲଘଂନ କରି ରାଜ୍ୟ ସମବାୟ ବ୍ୟାଙ୍କର ସଦସ୍ୟ ଓ ସଭାପତି ଭାବେ ନିଯୁକ୍ତି ପାଇଥିବା ଏବଂ ଏହି ଆଇନର ଧାରା ୨୮-୩(କକ)ର ପ୍ରାବଧାନ ଅନୁସାରେ ସଭାପତି ପଦ ରଦ୍ଦ ହୋଇଯାଇଥିଲେ ମଧ ଶ୍ରୀ ଦୋରା ଏବେବି ନିଜ ପଦରେ ବଳବତ୍ତର ରହିଛନ୍ତି ।




ଏପରିକି ଓଡ଼ିଶା ସମବାୟ ଆଇନ-୧୯୬୨ର ଧାରା ୧୧୫-୧୪ରେ ଥିବା ପ୍ରାବଧାନ କହୁଛି ଯେ, ଯଦି ପରିଚାଳନା କମିଟିର କୌଣସି ସଦସ୍ୟ ଅବା ସଭାପତି ଆଇନତଃ ତାଙ୍କର ପଦ ରଦ୍ଦ ହୋଇଯିବ ବୋଲି ଜାଣି ଉଦ୍ଦେଶ୍ୟମୂଳକ ଭାବେ କାର୍ଯ୍ୟ ଜାରି ରଖିନ୍ତି ତା'ହେଲେ ତାଙ୍କୁ ୧୮ହଜାର ଟଙ୍କା ଜୋରିମାନା କିମ୍ବା ଏକବର୍ଷ ଜେଲ୍ ଦଣ୍ଡ ଅବା ଉଭୟ ଦଣ୍ଡାଦେଶ ଭୋଗିବାକୁ ପଡ଼ିବ । ଶ୍ରୀ ଦୋରା ଭୁବନେଶ୍ୱର ଟାଉନ୍ ଡେଭଲପମେଂଟ ହାଉସିଂ କୋଅପରେଟିଭ ସୋସାଇଟିର ପ୍ରତିନିଧି ଭାବେ ରାଜ୍ୟ ସମବାୟ ବ୍ୟାଙ୍କର ପରିଚାଳନା କମିଟି ସଦସ୍ୟ ଓ ପରେ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି । କିନ୍ତୁ ରାଜ୍ୟ ସମବାୟ ଆଇନ-୧୯୬୨ର ଧାରା ୨୮-୩(କ) ଅନୁସାରେ, କୌଣସି ଋଣଖିଲାପୀ ସମବାୟ ସଂସ୍ଥାର ପ୍ରତିନିଧି ଅନ୍ୟ କୌଣସି ସମବାୟ ସଂସ୍ଥାର ପରିଚାଳନା କମିଟି ସଦସ୍ୟ କିମ୍ବା ସଭାପତି ନିଯୁକ୍ତି ହୋଇପାରିବେ ନାହିଁ। ତଥ୍ୟ ଅନୁସାରେ, ଶ୍ରୀ ଦୋରା ଯେଉଁ ଭୁବନେଶ୍ୱର ଟାଉନ ଡେଭଲପମେଂଟ ହାଉସିଂ କୋଅପରେଟିଭ ସୋସାଇଟିର ପ୍ରତିନିଧିତ୍ୱ କରୁଛନ୍ତି ସେହି ସମବାୟ ସଂସ୍ଥା ଉପରେ ଏବେ ପ୍ରାୟ ୬କୋଟି ଟଙ୍କାରୁ ଅଧିକ ଋଣ ବକେୟା ରହିଛି । ଓଡ଼ିଶା ଗୃହନିର୍ମାଣ ସମବାୟ ନିଗମ ପକ୍ଷରୁ ଏହି ସଂସ୍ଥାକୁ ଦିଆଯାଇଥିବା ବକେୟା ଆଦାୟ ନୋଟିସ୍ ଅନୁସାରେ, ୨୦୨୩ ଜୁଲାଇ ୧୦ତାରିଖ ସୁଦ୍ଧା ଏହି ସଂସ୍ଥା ଉପରେ ସୁଧମୂଳ ମିଶି ମୋଟ ୫କୋଟି ୭୫ଲକ୍ଷ ୩୭ହଜାର ୪୨୨ଟଙ୍କା ଥିଲା । ଯେଉଁଥିରେ ମୂଳ ହେଉଛି ମାତ୍ର ୧.୧୫କୋଟି ଟଙ୍କା । ୨୦୨୨ ଅଗଷ୍ଟ ୧୦ତାରିଖ ସୁଦ୍ଧା ଏହି ସୁଧମୂଳ ମିଶି ୫.୩୮କୋଟି ଟଙ୍କା ଥିଲା । ଏଥିରୁ ଜଣାପଡୁଛି ଯେ, ଏହି ସଂସ୍ଥା ଉଦ୍ଦେଶ୍ୟମୂଳକ ଭାବେ ସରକାରୀ ଋଣ ଅର୍ଥକୁ ପରିଶୋଧ କରୁନଥିବା ଜଣାପଡ଼ିଛି । କେବଳ ସେତିକି ନୁହେଁ, ରାଜ୍ୟ ସମବାୟ ବ୍ୟାଙ୍କର ଦସ୍ତାବିଜ ଅନୁସାରେ ସଭାପତି ଶ୍ରୀ ଦୋରାଙ୍କ ପୁରୁଣା ଭୁବନେଶ୍ୱରସ୍ଥିତ ବାସଭବନରେ ଲକ୍ଷ ଲକ୍ଷ ଟଙ୍କାରେ ମରାମତି ଓ ସାଜସଜ୍ଜା କାର୍ଯ୍ୟ କରିଛନ୍ତି । ବେଲଜିୟମରେ ଆନ୍ତର୍ଜାତିକ ସମବାୟ ସମ୍ମିଳନୀରେ ଯୋଗ ଦେବା ନିମନ୍ତେ ଭିସା ଆବେଦନ ପାଇଁ ଶ୍ରୀ ଦୋରା ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଗୋଆରେ ୪ଦିନ ରହିଥିବା ଜଣାପଡ଼ିଛି । ତେବେ ସୂତ୍ର ଅନୁସାରେ, ରାଜ୍ୟ ସମବାୟ ବିଭାଗ କରିଥିବା ତଦନ୍ତରେ ଏସବୁ ଅଭିଯୋଗ ସତ୍ୟ ପ୍ରମାଣିତ ହୋଇସାରିଥିଲେ ମଧ କିଏ କାହିଁକି କୋଟିକୋଟି ଟଙ୍କା ଋଣ ଖିଲାପୀ ସମବାୟ ସଂସ୍ଥାର ପ୍ରତିନିଧି ଶ୍ରୀ ଦୋରାଙ୍କୁ ସୁରକ୍ଷା ଦେଉଛନ୍ତି ତାକୁ ନେଇ ଏବେ ସମବାୟବିତଙ୍କ ମହଲରେ ଚର୍ଚ୍ଚା ଲାଗି ରହିଛି । ଶ୍ରୀ ଦୋରା ମଧ ଋଣ ଟଙ୍କା ପରିଶୋଧ ହୋଇନଥିବାକୁ ସ୍ୱୀକାର କରିଛନ୍ତି । ଉଲ୍ଲେଖଯୋଗ୍ୟ, ଶ୍ରୀ ଦୋରାଙ୍କ ଅବୈଧ ନିଯୁକ୍ତିକୁ ନେଇ ରାଜ୍ୟ ବିଜେପି ସମବାୟ ସେଲ୍ ମଧ ପୂର୍ବରୁ ଆପତ୍ତି ଉଠାଇଥିଲା ।

# ଭାରତୀୟ ମଜଦୁର ସଂଘର ପ୍ରତିଷ୍ଠା ଦିବସ ପାଳନ କରିବା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ବଲାଙ୍ଗିର, ୧୮/୦୭ (ନି.ପ୍ର): ବୁଧବାର ଦିନ ସକାଳ ୧୧ ଟାରୁ ଜିଲ୍ଲାର ମୁଖ୍ୟ କାର୍ଯ୍ୟକାରୀ ସଦସ୍ୟଙ୍କ ଉପସ୍ଥିତିରେ ମନୋହରପୁର ଠାରେ ଏକ ଆଲୋଚନା ବୈଠକ ସମ୍ପାଦକ ଫିରୋଜ କୁମାର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଆଗାମୀ ତା ୨୩. ୦୭. ୨୦୨୪ ମଙ୍ଗଳବାର ଦିନ ଭାରତୀୟ ମଜଦୁର ସଂଘର ୭୦ ତମ ପ୍ରତିଷ୍ଠା ଦିବସ ପାଳନ କରିବା ପାଇଁ ସମ୍ପାଦକ ଫିରୋଜ କୁମାର ସାହୁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ ଏବଂ ଉପସ୍ଥିତ ସମସ୍ତ ସଦସ୍ୟଙ୍କ ପୂର୍ଣ୍ଣ ସହମତିରେ ଉକ୍ତ ଉତ୍ସବଟି ପାଳନ କରିବାକୁ ସମର୍ଥନ ଦେଇଥିଲେ । ଏହା ସହିତ ସଭାପତି ଅରୁଣ କୁମାର ପଟେଲ ଉକ୍ତ ଦିବସରେ ଜିଲ୍ଲାର ୧୪ ଗୋଟି ବ୍ଲକର ସମସ୍ତ ବିଏମଏସ ର ମୁଖ୍ୟ ସଦସ୍ୟଙ୍କ ଉପସ୍ଥିତ ରହିବା ସହିତ ଜିଲ୍ଲାର ଅନେକ ମୁଖ୍ୟ ସଂଘଗୁଡିକର ସଦସ୍ୟଙ୍କୁ ଅତିଥି ଭାବେ ଯୋଗଦାନ କରିବା ପାଇଁ ନିମନ୍ତ୍ରଣ କରାଯିବ । ଏହା ସହିତ ଜିଲ୍ଲା କାର୍ଯ୍ୟାଳୟ ନିର୍ମାଣ କରିବା ପାଇଁ ଏକ ସରକାରୀ ଜାଗାର ବ୍ୟବସ୍ଥା ପାଇଁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ଦେବାର ବ୍ୟବସ୍ଥା କରାଯିବ ବୋଲି ମତାମତ ରଖିଥିଲେ ।

# ସର୍ବୋଚ୍ଚ ନମ୍ବରଧାରୀ ଛାତ୍ରଙ୍କୁ କୁନ୍ତଳା ମହାରଥା ମେଧା ସମ୍ମାନ



ଖଇରା, ୧୮/୦୭ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅଧୀନ ପଳାସପୁର ସରକାରୀ ହାଇସ୍କୁଲରେ ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷା ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ବିଶ୍ୱରଞ୍ଜନ ମହାନ୍ତିଙ୍କୁ ବୁଧବାର ବିଦ୍ୟାଳୟ ପରିସରରେ କୁନ୍ତଳା ମହାରଥା ମେଧା ସମ୍ମାନ ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଛି । ପ୍ରଧାନଶିକ୍ଷକ ଜୟନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଯୁବନେତା ଅନନ୍ତ ପ୍ରସାଦ ବାରିକଙ୍କୁ ମୁଖ୍ୟଅତିଥି,ସୁନାମଧନ୍ୟ କବୟତ୍ରୀ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷୟତ୍ରୀ କୁନ୍ତଳା ମହାରଥା ମୁଖ୍ୟବକ୍ତା,ବିଶିଷ୍ଟ ସାହିତ୍ୟକ ସୁଦାମ ଚରଣ ରାଉତ ସମ୍ମାନୀତ ବକ୍ତା, ମନ୍ମଥ ସାମଲ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ନାରୀନେତ୍ରୀ ତଥା ସଂଗଠିକା କୁଞ୍ଜଲତା ମାହୁନ୍ତ,ବିଣାପାଣି ନାୟକ, ଶିକ୍ଷକ ଶିକ୍ଷୟତ୍ରୀ ପରେଶ କୁମାର ରାଉତ, ମଧୁସୁଦନ ବେହେରା, ପ୍ରଦୀପ କୁମାର ସାହୁ, ଫାଲଗୁନୀ ନାୟକ, ବର୍ଷାରାଣୀ ଦାଶ, ସାରଥିଲତା ସାମଲ, ପାର୍ବତୀ ବେହେରା, ସନାତନ ମହାକୁଡ, ଜୟକୃଷ୍ଣ ସଙ୍ଗୁଆ, କରୁଣାକର ସିଂ, ମଧୁସୁଦନ ସାହୁ ସହଯୋଗ କରିଥିବା ବେଳେ ପଳାଶପୁର ହାଇସ୍କୁଲର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# ଦାରିଦ୍ର୍ୟ ଦୂରୀକରଣରେ ଓଡ଼ିଶା ଆଗୁଆ: ୯ ବର୍ଷରେ ୧.୦୨ କୋଟି ଲୋକ ଦାରିଦ୍ର୍ୟ ମୁକ୍ତ

ଭୁବନେଶ୍ୱର , ୧୮/୦୭ (ନି.ପ୍ର): ବିଗତ କିଛି ବର୍ଷ ଧରି ଓଡ଼ିଶା ସାମଗ୍ରିକ ବିକାଶ ଆଗେଇ ଚାଲିଥିବା ବେଳେ ବିଭିନ୍ନ କ୍ଷେତ୍ରରେ ଆଖିଦୃଶିଆ ସଫଳତା ହାସଲ କରିଛି। ଓଡ଼ିଶାର ଏହି ରୂପାନ୍ତରଣକୁ ବିଭିନ୍ନ ସମୟରେ ଦେଶ ତଥା ଦେଶ ବାହାରର ବିଭିନ୍ନ ସଂସ୍ଥା ମଧ ସ୍ୱୀକୃତି ପ୍ରଦାନ କରି ଆସୁଛନ୍ତି। ଏହିକ୍ରମରେ ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡିଜି)ଇଣ୍ଡିଆ ଇଣ୍ଡେକ୍ସର ଏକ ରିପୋର୍ଟ ଅନୁଯାୟୀ ଓଡ଼ିଶାରେ ଦାରିଦ୍ର୍ୟ ଦୂରୀକରଣ କ୍ଷେତ୍ରରେ ଆଖିଦୃଶିଆ ସଫଳତା ପାଇଛି। ୨୦୨୩-୨୪ ବର୍ଷ ପାଇଁ ଏହି ରିପୋର୍ଟ ପ୍ରକାଶ ପାଇଥିବା ବେଳେ ଏସ୍‌ଡିଜିର ପ୍ରଥମ ଲକ୍ଷ୍ୟ ଦାରିଦ୍ର୍ୟ ଦୂରୀକରଣ (ନୋ ପଭର୍ଟି) କ୍ଷେତ୍ରରେ ଓଡ଼ିଶା ଫ୍ରଣ୍ଟ ରନର ଶ୍ରେଣୀରେ ରହିଛି। ଏହି କ୍ଷେତ୍ରରେ ଓଡ଼ିଶାକୁ ୭୩ ଅଙ୍କ ମିଳିଥିବା ବେଳେ ଦେଶର ସାମଗ୍ରିକ ଅଙ୍କ ୭୨ ରହିଛି। ବିଦାୟୀ ସରକାର ଦାରିଦ୍ର୍ୟ ଦୂରୀକରଣ କ୍ଷେତ୍ରରେ ବ୍ୟାପକ ପଦକ୍ଷେପ ନେଇଥିବା ବେଳେ ଏହା ରିପୋର୍ଟରେ ପ୍ରତିଫଳିତ ହୋଇଥିବା ନେଇ କୁହାଯାଇଛି। ଏହି ରିପୋର୍ଟ ପ୍ରକାଶ ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଏବର ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଆନନ୍ଦ ବ୍ୟକ୍ତ କରିଛନ୍ତି। ଏସ୍‌ଡିଜିର ପ୍ରଥମ ଲକ୍ଷ୍ୟ ତଥା ଦାରିଦ୍ର୍ୟ ଦୂରୀକରଣ କ୍ଷେତ୍ରରେ ୨୦୨୦-୨୧ରେ ସମଗ୍ର ଦେଶ ୬୦ ଅଙ୍କ ରଖିଥିଲା। ଯାହା ୨୦୨୩-୨୪କୁ ୭୨ ଅଙ୍କକୁ ବୃଦ୍ଧି ପାଇଛି। ସମାନ ଭାବେ ୨୦୨୦-୨୧ରେ ଓଡ଼ିଶା ଆକାଂକ୍ଷୀ (ରେଡ ଜୋନ)ରେ ଥିବା ବେଳେ ୨୦୨୩-୨୪କୁ ଫ୍ରଣ୍ଟ ରନର (ଗ୍ରୀନ୍ ଜୋନ)କୁ ରୂପାନ୍ତରିତ ହୋଇଛି। ଯାହା ଦାରିଦ୍ର୍ୟ ଦୂରୀକରଣ କ୍ଷେତ୍ରରେ ଓଡ଼ିଶାର ସଫଳତାକୁ ଦର୍ଶାଉଛି। ଅପରପକ୍ଷେ ସାମଗ୍ରିକ ଏସ୍‌ଡିଜି ଇଣ୍ଡିଆ ଇଣ୍ଡେକ୍ସ କ୍ଷେତ୍ରରେ ୨୦୨୩-୨୪ରେ ଓଡ଼ିଶା ଆଖିଦୃଶିଆ ପ୍ରଦର୍ଶନ କରିପାରିଛି। ସବୁ କ୍ଷେତ୍ରରେ ଓଡ଼ିଶା ଭଲ ପ୍ରଦର୍ଶନ କରିଥିବା ବେଳେ ରାଜସ୍ଥାନ, ଉତ୍ତରପ୍ରଦେଶ ଓ ଅନ୍ୟ ରାଜ୍ୟଗୁଡ଼ିକ ସହ ଏହା ଫ୍ରଣ୍ଟ ରନର ରାଜ୍ୟ ସୂଚୀରେ ସାମିଲ ହୋଇଛି। ଅପରପକ୍ଷେ ୨୦୧୮ ମସିହା ପରଠାରୁ ସବୁଠାରୁ ଅଧିକ ଅଭିବୃଦ୍ଧି କରିଥିବା ରାଜ୍ୟ ମଧ୍ୟରେ ଓଡ଼ିଶା ସ୍ଥାନ ପାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତ ଜାନୁଆରୀ ମାସରେ ନୀତି ଆୟୋଗ ଏବଂ ୟୁଏନ୍‌ଡିପି ପକ୍ଷରୁ ମିଳିତ ଭାବେ ପ୍ରକାଶ ପାଇଥିବା ଏକ ରିପୋର୍ଟରେ ଓଡ଼ିଶାର ପ୍ରଗତି ଉପରେ ମୋହର ବାଜିଥିଲା। ୨୦୧୩-୧୪ରୁ ୨୦୨୨-୨୩ ଅର୍ଥାତ୍ ବିଗତ ୯ ବର୍ଷ ମଧ୍ୟରେ ଓଡ଼ିଶାର ପ୍ରାୟ ୧ କୋଟି ୨ ଲକ୍ଷ ଲୋକ ବହୁମୁଖୀ ଦାରିଦ୍ର୍ୟ କବଳରୁ ମୁକ୍ତ ହୋଇଥିବା ରିପୋର୍ଟରେ ଦର୍ଶାଯାଇଥିଲା। ଅନ୍ୟପକ୍ଷରେ ଦେଶବ୍ୟାପୀ ଦାରିଦ୍ର୍ୟ ମୁକ୍ତ ତାଲିକାରେ ଓଡ଼ିଶା ମଧ ଶ୍ରେଷ୍ଠ ୫ ରାଜ୍ୟ ମଧ୍ୟରେ ରହିଥିଲା। ଯାହା ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଢ଼ ନେତୃତ୍ୱ, ସୁଶାସନ ପାଇଁ ସମ୍ଭବପର ହୋଇପାରିଥିଲା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।




# ବଲାଙ୍ଗୀର ସହରରେ ପ୍ରଧାନମନ୍ତ୍ରୀ ଜନଔଷଧୀ କେନ୍ଦ୍ର ଉଦ୍‌ଘାଟନ କଲେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ

ବଲାଙ୍ଗୀର, ୧୮/୦୭ (ନି.ପ୍ର): ବଲାଙ୍ଗୀର ସହରରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ କରକମଳରେ ଉଦ୍‌ଘାଟିତ ହୋଇଯାଇଛି ପଂଚମ ପ୍ରଧାନମନ୍ତ୍ରୀ ଜନ ଔଷଧୀ କେନ୍ଦ୍ର। ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟରୁ ଭୀମ ଭୋଇ ମେଡ଼ିକାଲ୍ କଲେଜକୁ ଯାଉଥିବା ରାସ୍ତା ନେହେରୁ ନଗରରେ ଆଜି ସଂଧ୍ୟାରେ ସହରର ଗଣ୍ୟମାନ୍ୟ ବ୍ୟକ୍ତିମାନଙ୍କ ଉପସ୍ଥିତିରେ ଦୀପ ପ୍ରଜ୍ୱଳନ କରିବା ସହ ଫିତା କାଟି ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମହାଲିଙ୍ଗଙ୍କ ଦ୍ୱାରା ନୂତନ ପ୍ରଧାନମନ୍ତ୍ରୀ ଜନ ଔଷଧୀ କେନ୍ଦ୍ର ଉଦ୍‌ଘାଟିତ ହୋଇଥିବା ବେଳେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। ଏହି ଅବସରରେ ଡ. ମହାଲିଙ୍ଗ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଜନ ଔଷଧୀ କେନ୍ଦ୍ର ହେଉଛି ଭାରତ ସରକାରଙ୍କ ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏକ ଜନକଲ୍ୟାଣ ଯୋଜନା। ଜନସାଧାରଣ କିଭଳି ସୁଲଭ ମୂଲ୍ୟରେ ଔଷଧ କିଣି ପାରିବେ, ସେ ଦିଗକୁ ଲକ୍ଷ୍ୟ ରଖି ଭାରତ ସରକାରଙ୍କ ପକ୍ଷରୁ ଏହି ଯୋଜନା ଆରମ୍ଭ କରାଯାଇଛି। ଏହି ଜନ ଔଷଧୀ କେନ୍ଦ୍ରରେ ଉପଯୁକ୍ତ ମାନର ମେଡ଼ିସିନ୍ ୫୦ରୁ ୯୦ ପ୍ରତିଶତ ଶସ୍ତା ଦରରେ ଲୋକେ ପାଇ ପାରୁଛନ୍ତି ଏବଂ ଉପକୃତ ହୋଇ ପାରୁଛନ୍ତି। ଆଜି ଏଭଳି ଏକ ଜନକଲ୍ୟାଣକାରୀ ଯୋଜନା ଅନ୍ତର୍ଗତ ପ୍ରଧାନମନ୍ତ୍ରୀ ଜନ ଔଷଧୀ କେନ୍ଦ୍ର ଉଦ୍‌ଘାଟନ କରି ସେ ବେଶ୍ ଉତ୍ସାହିତ ହୋଇଥିବା ପ୍ରକାଶ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଜନ ଔଷଧୀ କେନ୍ଦ୍ରର ସତ୍ୱାଧିକାରୀ ଶୁଭେନ୍ଦୁ ପଣ୍ଡାଙ୍କ ସହ ଭୀମ ଭୋଇ ମେଡ଼ିକାଲ କଲେଜର ଫର୍ମାକୋଲୋଜି ବିଭାଗର ପ୍ରଫେସର ଡା. ମୁରଲୀଧର ପାଣିଗ୍ରାହୀ, ଅବସରପ୍ରାପ୍ତ ହୋମିଓପାଥି ମେଡ଼ିକାଲ ଅଫିସର ଡା. ଗୋଦାବରୀଶ ମହାପାତ୍ର, ଡା. ସଂଧ୍ୟାରାଣୀ ପଣ୍ଡା, ଡା. ଅବିନାଶ ନେପାକ, 'କୋଶଳ ପ୍ରବାହ'ର ସଂପାଦକ କବି ଆନନ୍ଦ ଚନ୍ଦ୍ର ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ତୋଟାସାହିରେ ସ୍କୁଲ ଫେର ଅଭିଯାନ

ଉଦଳା , ୧୮/୦୭ (ନି.ପ୍ର): ସ୍ୱେଚ୍ଛାସେବି ସଂଗଠନ "ଜନଜାଗୃତି ମଂଚ" ତରଫରୁ ଆଜି ଜୁଲାଇ ୧୮ ତାରିଖ ଗୁରୁବାର ଦିନ କପ୍ତିପଦା ବ୍ଲକର କୋଳିଅଳମ ପଂଚାୟତର ଅନ୍ତର୍ଗତ ତୋଟାସାହି ପ୍ରାଥମିକ ବିଦ୍ୟାଳୟ ପରିସରରେ 'ସ୍କୁଲ ଫେର ଅଭିଯାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ 'ମୋ ସ୍ୱପ୍ନର ବିଦ୍ୟାଳୟ' ଶୀର୍ଷକ ଆଲୋଚନା ଚକ୍ର ଓ ଚିତ୍ରାଙ୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି । ମଂଚର ଟିମ ଲିଡ଼ର ଗଦାଧର ଦାଶ ଏଥିରେ ଅଧ୍ୟକ୍ଷତା କରି ଏହାର ଲକ୍ଷ ଓ ଉଦେଶ୍ୟ ସଂପର୍କରେ ଅବଗତ କରାଇଥିଲେ । ଏହାପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ନାୟକ 'ମୋ ସ୍ୱପ୍ନର ବିଦ୍ୟାଳୟ' ସଂପର୍କରେ ନିଜର ମତ ଉପସ୍ଥାନ କରିବାକୁ ଯାଇ କହିଲେ, ବିଦ୍ୟାଳୟରେ ପ୍ରତି ଶ୍ରେଣି ପାଇଁ ସ୍ୱତନ୍ତ୍ର କକ୍ଷ, ଖେଳ ପଡ଼ିଆ, ପିଇବା ପାଣି, ବିଦ୍ୟୁତ ଲାଇନ, ପାଇଖାନା, ରୋଷେଇ ଗୃହ ସବୁକିଛି ରହିବା ସହିତ ଆବଶ୍ୟକ ସଂଖ୍ୟକ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତି ପାଇଲେ ଯାଇ ଏହା ସମ୍ଭବ ହୋଇ ପାରିବ ବୋଲି ବ୍ୟକ୍ତ କରିଥିଲେ । ପରେ ପିଲାଙ୍କ ମଧ୍ୟରେ 'ମୋ ସ୍ୱପ୍ନର ବିଦ୍ୟାଳୟ' ଶିର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ହିତେଶ କୁମାର ବାରିକ ପ୍ରଥମ ସ୍ଥାନ, ଜ୍ୟୋତି କ୍ରୀଷ୍ଣା ରାଉଳ ଦ୍ୱିତୀୟ ସ୍ଥାନ, ସୋରୋଜ ବାଗ ଓ ଆସ୍ମାନ ବେହେରା ଯୁଗ୍ମ ତୃତିୟ ସ୍ଥାନ ଅଧିକାର କରିଥିଲେ । ମଂଚର ସଦସ୍ୟ କାପାଲ ମାର୍ଣ୍ଡି ବିଗତ କରୋନା ସମୟରେ କିପରି ବହୁ ସଂଖ୍ୟାରେ ପିଲା ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେଇଥିଲେ ଏହି ସବୁ ପିଲା ମାନଙ୍କୁ ମଂଚର କର୍ମି ମାନେ ଚିହ୍ନ କରି ପୁଣି ଥରେ କିପରି ବିଦ୍ୟାଳୟକୁ ନେବାରେ ସଫଳ ହୋଇ ପାରିଛନ୍ତି ବିସ୍ତୃତ ବର୍ଣ୍ଣନା କରିଥିଲେ । ଏହାପରେ ପୁରସ୍କାର ବିତରଣ ପର୍ବ ଅନୁଷ୍ଠିତ ହୋଇଥିଲା । ସହକାରୀ ଶିକ୍ଷକ ବିଷ୍ଣୁ ପ୍ରସାଦ ରଥ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ ସହ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

# ଚାଉଳ ନେବାକୁ ଆସିଥିବା ବୃଦ୍ଧା ଗାଡ଼ି ଧକ୍କାରେ ମୃତ

ବଲାଙ୍ଗିର, ୧୮/୦୭ (ନି.ପ୍ର): ବଲାଙ୍ଗୀର-ସୋନପୁର ୫୭ ନମ୍ବର ଜାତୀୟ ରାଜପଥରେ ଚାଉଳ ନେବା ପାଇଁ ଆସିଥିବା ବୃଦ୍ଧା ଅର୍ଜୁଣ୍ଡା ଛକ ଠାରେ ମଙ୍ଗଳବାର ଅପରାହ୍ନରେ ଗାଡି ଧକ୍କାରେ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା ଓ କ୍ଷତିପୂରଣ ଦାବୀ ନେଇ କିଛି ସମୟ ପର୍ଯ୍ୟନ୍ତ ସ୍ଥାନୀୟ ଲୋକେ ଜାତୀୟ ରାଜପଥ ଅବରୋଧ କରିଥିଲେ କ୍ଷତିପୂରଣ ଦାବିରେ ଉତେଜନା ଦେଖା ଯାଇଥିଲା । ମିଳିଥିବା ସୂଚନା ଅନୁଯାଇ, ତରଭା ନିକଟସ୍ଥ ବଲାଙ୍ଗିର ଜିଲ୍ଲା ପୁଇଁନ୍ତଲା ବ୍ଲକ ବଇରାସର ଗ୍ରାମପଂଚାୟତର ଭଦ୍ରାପାଲି ଗ୍ରାମର ସ୍ୱର୍ଗତ ବାହାବଲ ହାତୀଙ୍କ ଧର୍ମପତ୍ନୀ କର୍ଣ୍ଣଫୁଲ ହାତୀ ବଇରାସର ପଂଚାୟତକୁ ସରକାରଙ୍କ ମାଗଣା ଚାଉଳ ନେବା ପାଇଁ ଭଦ୍ରା ପାଲି ଗ୍ରାମରୁ ଆସିଥିଲେ ଓ ତାଙ୍କ ସାଙ୍ଗରେ ତାଙ୍କ ପୁଅ ରମେଶ ହାତୀ ମଧ ଆସିଥିଲେ। ଚାଉଳ ଆଣିବା ପରେ ରମେଶ ତାଙ୍କର ମାଆଙ୍କୁ ତମେ ଚାଲୁଥାଅ ମୁଁ କିଛି ଜିନିଷ କିଣି ଆଣି ଚାଉଳ ଧରି ଯାଉଛି କହି ଚାଲିଯାଇଥିଲେ। କର୍ଣ୍ଣଫୁଲ ଅର୍ଜୁଣ୍ଡା ଛକ ପାଖଥିବା ପତର ଫେଡିରେ ପହଂଚିବା କିଛି ସମୟପରେ ସୋନପୁର ପଟରୁ ବଲାଙ୍ଗିର ଯାଉଥିବା ଏକ ଟାଟାଏସି ଗାଡ଼ି ଦୃତଗତିରେ ଆସି କର୍ଣ୍ଣଫୁଲଙ୍କୁ ଧକ୍କା ଦେଇଥିଲା। ଫଳରେ କର୍ଣ୍ଣଫୁଲଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏହା ଦେଖି ଗାଡ଼ିର ଡ୍ରାଇଭର ଗାଡି ଛାଡି ଫେରାର ହୋଇଯାଇଥିଲା । ଖବରପାଇ ଲୋକମାନେ ଆସି ୫୭ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରିଥିଲେ । ଖବର ପାଇ ବଇରାସର ବିଟ କନେଷ୍ଟବଳ, ଅଫିସର ଏଏସ ଆଇ ଅଜିତ କୁମାର ସାହୁ ଘଟଣାସ୍ଥଳରେ ପହଂଚି ପରିସ୍ଥିତି ଅନୁଧାନ କରି ପୁଇଁନ୍ତଲା ଥାନାକୁ ଖବର ଦେଇଥିଲେ। ଖବର ପାଇ ପୁଇଁନ୍ତଲା ଆଇଆଇସି ସୁଭରାଜ ଧରୁଆ ଓ ଏସଡିପିଓ ପ୍ରଦୀପ କୁମାର ସାହୁଙ୍କ ସହିତ ପୁଇଁତଲା ତହସିଲଦାର ଘଟଣାସ୍ଥଳରେ ପହଂଚି ଲୋକ ମାନଙ୍କୁ ବୁଝାସୁଝା କରିବା ସହିତ ୨୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିବାରୁ ରାସ୍ତା ଅବରୋଧ ହଟିଥିଲା। ପୁଲିସ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି। ଗାଡ଼ି ମାଲିକଙ୍କୁ ଡାକି ଉକ୍ତ ପରିବାରକୁ ସହାୟତା ବିଷୟ ଉପରେ କଥାହେବୁ ବୋଲି ପୁଲିସ ପ୍ରକାଶ କରିଛି।

# ଗଞ୍ଜେଇ ଚାଲାଣ ବେଳେ ଚଢ଼ଉ: ଜଣେ ଗିରଫ

ଜୟପୁର, ୧୮/୦୭ (ନି.ପ୍ର): ଗଞ୍ଜେଇ ଚାଲାଣ ବେଳେ ଆଜି ଜଣକୁ ଗିରଫ କରିଛି ଜୟପୁର ଅବକାରୀ ବିଭାଗ । ଗିରଫ ଜଣକ ହେଲେ ଛତିଶଗଡ଼ କଣ୍ଡାଗାଁ ଜିଲ୍ଲା ବେଲୁର ଥାନା ଅନ୍ତର୍ଗତ ଗଙ୍ଗାମୁଣ୍ଡାପାରାର ୩୧ ବର୍ଷିୟ ଶ୍ୟାମଲାଲ୍ ମାରଭି । ସେ ଆଜି ୧୧ କିଲୋଗ୍ରାମ ଗଞ୍ଜେଇ ନେଇ ପେପର ମିଲ୍ ରାସ୍ତା ଦେଇ ଜୟପୁର ରେଳ ଷ୍ଟେସନକୁ ଯିବା ବେଳେ ଗିରଫ ହୋଇଥିଲା । ଉକ୍ତ ଗଞ୍ଜେଇ ସେ ଛତିଶଗଡ଼ ଚାଲାଣ କରିବାକୁ ଉଦ୍ୟମ କରୁଥିଲା ।

ଏହି ଚଢ଼ଉ ବେଳେ ଅବକାରୀ ନିରୀକ୍ଷକ ଶଶୀକାନ୍ତ ଦତ, ଏଏସଆଇ ପ୍ରଦୀପ ଦଳେଇ, କନେଷ୍ଟବଳ ଗୋପାଳ ମହାକୁଡ଼ ଏବଂ ବିଶ୍ୱଜିତ ଘୋଷ ସାମିଲ୍ ହୋଇଥିଲେ ।

# ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ ଖୋର୍ଦ୍ଧା ଜିଲ୍ଲା ଶାଖାର ସାଙ୍ଗଠନିକ ବୈଠକ ଓ କର୍ମକର୍ତ୍ତା ଚୟନ

ଖୋର୍ଦ୍ଧା, ୧୮/୦୭ (ନି.ପ୍ର): ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ (ଓ.ୟୁ.ଡବ୍ଲୁ.ଜେ) ଖୋର୍ଦ୍ଧା ଜ଼ିଲ୍ଲା ଶାଖା ର ସାଙ୍ଗଠନିକ ବୈଠକ ଓ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଖୋର୍ଦ୍ଧା ନିକଟବର୍ତ୍ତୀ କୁମାରବସ୍ତ ଗ୍ରାମର ମା ଭୂଆସୁଣୀ ଙ୍କ ପୀଠ ରେ ଅନୁଷ୍ଠିତ ହୋଇଯାଇଛି । ଓ. ୟୁ.ଡବ୍ଲୁ.ଜେ.ଖୋର୍ଦ୍ଧା ଜ଼ିଲ୍ଲା ଶାଖା ର ବରିଷ୍ଠ ସଦସ୍ୟ ଈଶ୍ୱର ଚନ୍ଦ୍ର ମଙ୍ଗରାଜ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ସଂଘ ପକ୍ଷରୁ କରାଯାଇଥିବା ବିଭିନ୍ନ ଜନହିତକାରୀ କାର୍ଯ୍ୟକ୍ରମ ଗୁଡିକ ବିଷୟରେ ଆଲୋଚନା କରାଯାଇଥିଲା । ଉପସ୍ଥିତଥିବା ସମସ୍ତ ସଭ୍ୟ ଓ ସଭ୍ୟା ଆଲୋଚନା ଅଂଶ ଗ୍ରହଣ କରି ନିଜର ମତାମତ ଉପସ୍ଥାପନା କରିଥିଲେ । ତା -୧.୩.୨୦୧୭ ମସିହା ରେ ମା ବରୁଣେଇ ଙ୍କ ପୀଠ ରେ ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ ଖୋର୍ଦ୍ଧା ଜ଼ିଲ୍ଲା ଶାଖା ଗଠନ କରାଯାଇଥିଲା । ମାତ୍ର ୧୬ ଜଣ ସଭ୍ୟ ଙ୍କୁ ନେଇ ଗଠନ କରାଯାଇଥିବା ଏହି ସଂଘ ଆଜି ଏହାର ସଦସ୍ୟ ସଂଖ୍ୟା ବୃଦ୍ଧି ପାଇ ୫୦ ରେ ପହଂଚିଛି। ବହୁ ସଂଖ୍ୟା ରେ ଗଣମାଧ୍ୟମ ର ପ୍ରତିନିଧି ସ୍ୱତପ୍ରବୃତ ଭାବରେ ଆଜି ଓ.ୟୁ.ଡବ୍ଲୁ.ଜେ.ରେ ସାମିଲ ହୋଇଛନ୍ତି । ସଂଘ ର ପ୍ରଥମ ଖୋର୍ଦ୍ଧା ଜ଼ିଲ୍ଲା ଶାଖା ସଭାପତି ଭାବରେ ପ୍ରକାଶ କୁମାର ହାତୀ ଙ୍କ ନେତୃତ୍ୱ ରେ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ କରି ଜ଼ିଲ୍ଲା ଓ ରାଜ୍ୟରେ ବେଶ ସୁନାମ ଅର୍ଜନ କରିପାରିଛନ୍ତି । ସେଥିମଧ୍ୟରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ, ପବିତ୍ର ଉତ୍କଳ ଦିବସ ରେ ପ୍ରତେକ ବର୍ଷ ଖୋର୍ଦ୍ଧା ଜ଼ିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଚିକିତ୍ସିତ ହେଉଥିବା ରୋଗୀ ମାନଙ୍କୁ କ୍ଷୀର, ପାଉଁରୁଟି ଓ ଫଳ ବଣ୍ଟନ,ସଫେଇ କାର୍ଯ୍ୟକ୍ରମ, ଅନାଥ ଆଶ୍ରମ,,ବୃଦ୍ଧାଶ୍ରମ ରେ ଫଳ ବଣ୍ଟନ, ମାଗଣା ସ୍ୱାସ୍ଥ୍ୟ ସେବା ଶିବିର, ଅସହାୟ ବ୍ୟକ୍ତି ଙ୍କୁ ଆର୍ଥିକ ସହାୟତା ପ୍ରଦାନ କରି ସମସ୍ତ ଙ୍କ ପ୍ରିୟ ଭାଜନ ହୋଇପାରିଛି ଏହି ସଂଗଠନ । ପୁନର୍ବାର ଆଗାମୀ ଏକ ବର୍ଷ ପାଇଁ ସର୍ବସମ୍ମତି କ୍ରମେ କର୍ମକର୍ତ୍ତା ଚୟନ କରାଯାଇଥିଲା । ଖୋର୍ଦ୍ଧା ଜ଼ିଲ୍ଲା ଶାଖା ସଭାପତି ଭାବେ - ପ୍ରକାଶ କୁମାର ହାତୀ, ଉପ-ସଭାପତି, ସୟଦ ଲିୟାକତ ଅଲ୍ଲୀ, ଧିରେନ ପ୍ରତିହାରୀ, ସମ୍ପାଦକ - ଦିଲ୍ଲୀପ କୁମାର ପଟ୍ଟନାୟକ, ଯୁଗ୍ମ ସମ୍ପାଦକ - ସନ୍ତୋଷ ବାରିକ, ସନ୍ତୋଷ ଚୌଧୁରୀ, କୋଷାଧକ୍ଷ -ଆକାଶ କୁମାର ବିଶ୍ୱାଳ ଏବଂ ଉପଦେଷ୍ଟା ଭାବରେ ମହମ୍ମଦ ମୋତାହାର ୟୁସୁଫ ଙ୍କୁ ମନୋନୀତ କରାଯାଇଥିଲା । ସଂଘ ର ସକ୍ରିୟ ସଦସ୍ୟ,ପ୍ରବୀଣ ଭଞ୍ଜ, ରଞ୍ଜିତ ସାମନ୍ତରାୟ,, ରଂଜିତ ପାଟଶାଣୀ, ଦୁର୍ଗା ପ୍ରସାଦ ଷଡ଼ଙ୍ଗୀ ଙ୍କ ପ୍ରତେକ୍ଷତତ୍ୱାବଧାନ ରେ ଏହି କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା ।

ଧ୍ୱନି ପ୍ରତିଧ୍ୱନି
୩
♣ ବାଲେଶ୍ୱର ♣ ଶୁକ୍ରବାର, ୧୯ ଜୁଲାଇ, ୨୦୨୪

# ପାକସ୍ଥଳୀ ଓ ଚର୍ମ ଉପରେ ପ୍ରଭାବ ପକାଏ ଅବସାଦ



ଗବେଷକ ଅଧ୍ୟୟନରୁ ଜାଣିବାକୁ ପାଇଛନ୍ତି ଯେ କିଶୋରାବସ୍ଥାରେ ଅବସାଦ ପାକିସ୍ଥଳୀରେ ସମସ୍ୟା, ଗଣ୍ଠିବାତ ଓ ଚର୍ମରୋଗ ସୃଷ୍ଟି କରିଥାଏ। ମାନସିକ ରୋଗ ଯୋଗୁଁ ଶରୀରରେ ଅନେକ ପ୍ରକାରର ରୋଗ ଦେଖାଯାଇଥାଏ। ସ୍ୱିଜରଲ୍ୟାଣ୍ଡର ବାସେଲ ବିଶ୍ୱବିଦ୍ୟାଳୟ ପକ୍ଷରୁ ମାରିଅନ ତେଗେଟଫଙ୍କ ନେତୃତ୍ୱରେ ଏହି ଗବେଷଣା କରାଯାଇଥିଲା। ସେମାନେ କିଶୋର/କିଶୋରୀଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ରୋଗ ଓ ମାନସିକ ଅବସାଦ ଭିତରେ ଥିବା ସମ୍ପର୍କ ଉପରେ ଅଧ୍ୟୟନ କରିଥିଲେ। ଆମେରିକାର ୧୩ ରୁ ୧୮ ବର୍ଷ ବୟସରେ ୬୪୮୩ଜଣ କିଶୋର/କିଶୋରୀଙ୍କ ଉପରେ ଅଧ୍ୟୟନ କରି ଗବେଷକ ଏହି ସିଦ୍ଧାନ୍ତରେ ପହଞ୍ଚିଛନ୍ତି। ଗବେଷକମାନେ ଜାଣିବାକୁ ପାଇଛନ୍ତି ଯେ ଯେଉଁ ପିଲା କିମ୍ବା କିଶୋରଙ୍କ ମଧ୍ୟରେ ପୂର୍ବରୁ ମାନସିକ ଅବସାଦ ଦେଖାଯାଇଛି ।

# ଘୋଳାବିନ୍ଧା କମାଇବା ସହ ତ୍ୱଚାର ରଂଗ ବି ଉଜ୍ଜ୍ୱଳ କରିଥାଏ ଏହି ପାନୀୟ

**ଖିର ସହ ହଳଦୀ ମିଶ୍ରଣ କରି କେବେ ପିଇଛନ୍ତି ? କାହାକୁ ଏହା ଭଲ ଲାଗେ ତ କାହାକୁ ଲାଗେନି। ତାହା ଆଦୌ ଗୁରୁତ୍ୱପୂର୍ଣ୍ଣ ନୁହେଁ ଯେ ଏହାର ସ୍ୱାଦ କିପରି। ମାତ୍ର ଏହାକୁ ପିଇବା ଦ୍ୱାରା ଅନେକ ଫାଇଦା ହୋଇଥାଏ ଏଥିରେ ସନ୍ଦେହ ନାହିଁ।**

- ରାତିରେ ଶୋଇବା ପୂର୍ବରୁ ଗରମ ଖିରରେ ସାମାନ୍ୟ ହଳଦୀ ମିଶାଇ ପିଅନ୍ତୁ। ଯଦି ଆପଣଙ୍କର ଥଣ୍ଡା ଦେହ ତେବେ ଥଣ୍ଡା କାଟିବା ପାଇଁ ଏହା ଅବ୍ୟର୍ଥ ଔଷଧ ଭାବେ କାମ କରିବ।
- ଗରମ ଖିରରେ ହଳଦୀ ମିଶାଇ ପିଇଲେ କଫ ମଧ ହୋଇନଥାଏ। ଶ୍ୱାସ ରୋଗୀମାନେ ଏହାକୁ ଦୈନିକ ପିଇବା ଉଚିତ।



- ଅନେକ ସମୟରେ ଦିନରେ କରିଥିବା ଶାରୀରିକ ପରିଶ୍ରମ ହେତୁ ଦେହହାତ ଘୋଳାବିନ୍ଧା ହୋଇଥାଏ। ସେହି ଘୋଳାବିନ୍ଧା କାଠିବା ପାଇଁ ରାତିରେ ଗରମ ଖିରରେ ଟିକେ ହଳଦୀ ମିଶାଇ ପିଅନ୍ତୁ।
- ଗରମ ଖିର ଓ ହଳଦୀ ପିଇବା ଦ୍ୱାରା ତ୍ୱଚାର ରଂଗ ବି ଉଜ୍ଜ୍ୱଳ ହୋଇଥାଏ। ଚର୍ମ ଚିକ୍କଣ ହେବା ସହ ମୁଖର ଔଜଲ୍ୟ ଦ୍ୱିଗୁଣିତ ହୋଇଥାଏ।
- ଖିରରେ ହଳଦୀ ମିଶାଇ ପିଇଲେ ରାତିରେ ସୁନିଦ୍ରା ହୋଇଥାଏ। ଏହାକୁ ରାତ୍ର ଭୋଜନ କରି ସାରି ପିଇଲେ ଖୁବ୍ ଭଲ ନିଦ ହୋଇଥାଏ।
- ଯେଉଁମାନଙ୍କୁ ବାରମ୍ୱାର ପରିଶ୍ରା ଲାଗିବା ଦ୍ୱାରା ରାତିରେ ନିଦ ଭାଙ୍ଗୁଥାଏ ସେମାନଙ୍କ ପାଇଁ ବି ହଳଦୀ ମିଶା ଖିର ଖୁବ୍ ଫଳପ୍ରଦ ସାବ୍ୟସ୍ତ ହୋଇଥାଏ।
- ଖିରରେ ହଳଦୀ ମିଶ୍ରଣ କରି ପିଇବା ଦ୍ୱାରା ରକ୍ତରେ ଶର୍କରା ସ୍ତର ନିୟନ୍ତ୍ରଣରେ ରହିଥାଏ।

# ଗହଣାର ଯତ୍ନ



କେବଳ ପୋଷାକ ନୁହେଁ, ନାରୀର ସୌନ୍ଦର୍ଯ୍ୟ ତଥା ବ୍ୟକ୍ତିତ୍ୱକୁ ଆହୁରି ଆକର୍ଷଣୀୟ କରିବାରେ ଗହଣାର ଭୂମିକା ମଧ୍ୟ ରହିଛି। ତେଣୁ ଅଧିକାଂଶ ମହିଳା ମନ ପସନ୍ଦର ଗହଣା କିଣିବା ସହ ତାକୁ ପିନ୍ଧିଥାନ୍ତି। ହେଲେ ସୁନା, ରୂପା କିମ୍ବା ହୀରା ଗହଣା ପିନ୍ଧିବା ସହ ସେଗୁଡ଼ିକୁ ସଫା ରଖିବାକୁ ପଡ଼ିଥାଏ। ସୁନା ଦୋକାନକୁ ନନେଇ ଆପଣ ଘରେ ଏଗୁଡ଼ିକୁ ସଫା କରିପାରିବେ। ଜାଣନ୍ତୁ ସେ ସମ୍ପର୍କରେ।



ଡିସୱାଶ ପାଉଡ଼ର: ପ୍ରଥମେ ଏକ ପାତ୍ରରେ ନଖଉଷୁମ ପାଣି ନିଅନ୍ତୁ। ସେଥିରେ ଡିସୱାଶ ପାଉଡ଼ର କିମ୍ବା ଲିକ୍ୟୁଡ ମିଶାନ୍ତୁ। ଏବେ ଏହି ମିଶ୍ରିତ ପାଣିରେ ସୁନା ଗହଣାକୁ କିଛି ସମୟ ପକାଇ ରଖନ୍ତୁ। ଏହାପରେ ଏକ ଟୁଥବ୍ରଶ ସାହାଯ୍ୟରେ ସେଗୁଡ଼ିକୁ ସଫା କରନ୍ତୁ।

ଟୁଥପେଷ୍ଟ: ରୂପା ଗହଣା ସଫା କରିବାକୁ ହେଲେ ଧଳା ରଙ୍ଗର ଟୁଥପେଷ୍ଟ ନିଅନ୍ତୁ। ଏବେ ଏହି ପେଷ୍ଟକୁ ନେଇ ବ୍ରଶ ସାହାଯ୍ୟରେ ରୂପା ଜିନିଷ ଉପରେ ରଗଡ଼ି ସଫା କରନ୍ତୁ। ତାପରେ ସେଗୁଡ଼ିକ ପରିଷ୍କାର ପାଣିରେ ଭଲ ଭାବେ ଧୋଇ ସଫା କରନ୍ତୁ। ଦେଖିବେ ସେଥିରେ ଚମକ



ଆସିବ।

ଆମୋନିଆ: ନଖଉଷୁମ ପାଣିରେ ଆମୋନିଆ ପାଉଡ଼ର ମିଶାନ୍ତୁ। ଏଥିରେ ରୂପା ଗହଣାକୁ ଦୁଇ ମିନିଟରୁ କମ ସମୟ ପର୍ଯ୍ୟନ୍ତ ଭିଜାଇ ରଖନ୍ତୁ। ଏହାପରେ ଗହଣାକୁ ବ୍ରଶ ସାହାଯ୍ୟରେ ଭଲ ଭାବେ ସଫା କରନ୍ତୁ। ମୋତି କିମ୍ବା ରତ୍ନଖଚିତ ଗହଣା ଏଥିରେ ସଫା କରନ୍ତୁ ନାହିଁ।

ଲୁଣ: ଗରମ ପାଣିନେଇ ସେଥିରେ ଅଳ୍ପ ଲୁଣ ମିଶାନ୍ତୁ ଏବେ ଏହି ମିଶ୍ରଣରେ ରୂପା ଗହଣାକୁ ଭିଜାଇ ଦିଅନ୍ତୁ। ଏହାକୁ ଏକ ବ୍ରଶ ସାହାଯ୍ୟରେ ସଫା କରନ୍ତୁ। ସଫା ସରିବା ପରେ ଏହାକୁ ଭଲଭାବେ ଧୋଇ ଶୁଖିଲା କପଡ଼ାରେ ପୋଛି ଦେଖନ୍ତୁ।

ସିଲଭର ପଲିସ୍: ଆଜିକାଲି ବଜାରରେ ସିଲଭର ପଲିସ ଉପଲବ୍ଧ। ଏହାକୁ ଆପଣ ଘରେ ରୂପା ଗହଣା ସଫା କରିବା ପାଇଁ ବ୍ୟବହାର କରିପାରିବେ। ଏଥିରେ ଅତି ପୁରୁଣା ରୂପା ଗହଣାଗୁଡ଼ିକୁ ମଧ୍ୟ ସଫା କଲେ ତାହା ଚକଚକ ଦେଖାଯାଇଥାଏ।




# ସଫା ରଖନ୍ତୁ ମାଇକ୍ରୋ ଓଭେନ୍



ମାଇକ୍ରୋଓଭେନରେ ରୋଷେଇ କରିବା ପରେ ତାହାକୁ ସଙ୍ଗେ ସଙ୍ଗେ ପରିଷ୍କାର ନକଲେ



ସେଥିରେ ଦାଗ ଅଥବା କିଛି ଖାଦ୍ୟ ପଦାର୍ଥ ଲାଗି ଶୁଖି ଟାଣ ହୋଇଯାଏ। ଏହି ଦାଗକୁ ଆପଣ କିପରି ସଫା କରିବେ ସେ ବିଷୟରେ ଆସନ୍ତୁ ଜାଣିବା।

- ଏକ କପ ଭିନେଗାର ଓ ଏକ କପ ପାଣିରେ ମିଶ୍ରଣକୁ ଗୋଟିଏ ପାତ୍ରରେ ଢାଳି ମାଇକ୍ରୋ ଓଭେନ୍ ମଧ୍ୟରେ ରଖନ୍ତୁ। ପାଂଚରୁ ଦଶ ମିନିଟ୍ ପର୍ଯ୍ୟନ୍ତ ସେହି ପାତ୍ରକୁ ଗରମ କରନ୍ତୁ। ତାହାପରେ ମାଇକ୍ରୋୱେଭ ଭିତରେ ବାଷ୍ପ ଖେଳାଇ ହେବାକୁ ଏକ ମିନିଟ ଅଥବା ଦୁଇ ମିନିଟ୍ ସେହିଭଳି ଛାଡ଼ିଦିଅନ୍ତୁ। ଏକ ସ୍ପଞ୍ଜକୁ ସେହି ଦ୍ରବଣରେ ବୁଡ଼ାଇ ମାଇକ୍ରୋୱେଭକୁ ପୋଛନ୍ତୁ।

- ଏହା ସହ ଏକ ପାତ୍ରରେ ଏକ କପ ପାଣି ଏବଂ ଖଣ୍ଡେ କଟାଯାଇଥିବା ଲେମ୍ବୁ କମଳା ଅଥବା କିଛି ଚାମଚ ଭିନେଗାର ପକାଇ ତାହାକୁ ମାଇକ୍ରୋୱେଭ ଭିତରେ ରଖନ୍ତୁ। ଉକ୍ତ ଦ୍ରବଣ ଫୁଟି ମାଇକ୍ରୋ ୱେଭର କାଚରେ ଜଳକଣା କରିବା ପର୍ଯ୍ୟନ୍ତ ତାହାକୁ ଉଚ୍ଚ ତାପମାତ୍ରାରେ ଗରମ କରନ୍ତୁ। ୧୫ ମିନିଟ ତାହାକୁ ଥଣ୍ଡା ହେବାକୁ ଦିଅନ୍ତୁ। ଏହାପରେ ମାଇକ୍ରୋୱେଭକୁ ଖାଲି ଭିତର ପୋଛି ଆଣନ୍ତୁ।


- ମାଇକ୍ରୋୱେଭ ଡୋର ଚାରିପଟେ ଥିବା ରବର ଗ୍ୟାସକେଟକୁ ଏକ ସ୍ପଞ୍ଜ ଦ୍ୱାରା କେବଳ ପାଣିରେ ବୁଡ଼ାଇ ପୋଛନ୍ତୁ।

- ଯଦି ଡୋର ଅଠାଳିଆ ଲାଗୁଛି ତେବେ ତାହାକୁ ଅଧାଭିନେଗାର ଓ ଅଧା ମିଶ୍ରିତ ଦ୍ରବଣରେ ପୋଛି ସଫା କରନ୍ତୁ।

# କେଶର ଘରୋଇ ଉପଚାର



- ଆପଣଙ୍କ କେଶକୁ ସୁନ୍ଦର, ଚମକ ତଥା ସୁସ୍ଥ ରଖିବାକୁ ହେଲେ ପ୍ରତିଦିନ ତେଲ ଲଗାଇ ଭଲ ଭାବରେ କୁଣ୍ଡାନ୍ତୁ।
- କେଶ ଗୁଡ଼ିକୁ ଭଲ ଭାବରେ ଖୋଲି ଦେବାପରେ ବଡ଼ଦାନ୍ତ ପାନିଆରେ ଧୀରେ ଧୀରେ କୁଣ୍ଡାନ୍ତୁ।
- ଆପଣଙ୍କ ପସନ୍ଦ ମୁତାବକ ଅଳ୍ପ କିଛି ତେଲ ନେଇ ତାକୁ ଧିମା ଆଂଚରେ ଦୁଇ ମିନିଟ୍ ପର୍ଯ୍ୟନ୍ତ ନଖ ଉଷୁମ କରିଦିଅନ୍ତୁ।
- ବର୍ତ୍ତମାନ ଆପଣ କେଶକୁ ଅଳ୍ପ ଅଳ୍ପ ଭାଗ କରିଦିଅନ୍ତୁ। ଥଣ୍ଡା ହୋଇଯାଇଥିବା ତେଲକୁ ଆଙ୍ଗୁଠିରେ ନେଇ ଧୀରେ ଧୀରେ କେଶମୂଳରେ ଲଗାନ୍ତୁ। ଏହାଦ୍ୱାରା କେଶମୂଳ ଦୃଢ଼ ରହିଥାଏ।
- ତେଲ ଲଗାଉଥିବା ସମୟରେ ଏହାକୁ ସିଧାସଳଖ ତ୍ୱଚା ସଂସ୍ପର୍ଶରେ ଆଣନ୍ତୁ ନାହିଁ।



ଏହାଦ୍ୱାରା କେଶ ଅଧିକ ଅଠାଳିଆ ଲାଗିଥାଏ। ଫଳରେ ଆପଣଙ୍କୁ ତେଲ ଛଡ଼ାଇବା ଲାଗି ଅଧିକ ସାମ୍ପୋ ଆବଶ୍ୟକ ହୋଇଥାଏ।

- ହାତରେ ତେଲ ନେଇ ମୁଣ୍ଡରେ ସିଧାସଳଖ ରଗଡ଼ନ୍ତୁ ନାହିଁ। ଫଳରେ କେଶ ଦୁର୍ବଳ ହୋଇଯାଏ। ଏହା ବଦଳରେ ଆଙ୍ଗୁଠିରେ ତେଲ ନେଇ ଧୀରେ ଧୀରେ ଗୋଲାକାର ଭାବରେ କେଶକୁ ମସାଜ୍ କରନ୍ତୁ। ଏପରି ପ୍ରକ୍ରିୟା ପାଖାପାଖି ୧୦ ମିନିଟ୍ ପର୍ଯ୍ୟନ୍ତ କରନ୍ତୁ।
- ଯଦି ଆପଣ ଚାହୁଁଥାନ୍ତି ତେଲ ମୁଣ୍ଡଶିରା ମଧ୍ୟକୁ ଯାଉ ବୋଲି, ତେବେ କେଶମୂଳକ ଷ୍ଟିମ ଦିଅନ୍ତୁ। ଏକ ବଡ଼ ଟାୱେଲକୁ ଉଷୁମ ପାଣିରେ ବୁଡ଼ାଇ ଚିପୁଡ଼ି ଦିଅନ୍ତୁ। ପରେ ଏହି ଟାୱେଲରେ କେଶକୁ ଭଲଭାବେ ଘୋଡ଼ାଇ ଦିଅନ୍ତୁ। ଧ୍ୟାନ ରଖନ୍ତୁ, କେଶରେ ତେଲ ଲଗାଇବା ପରେ ତାକୁ ଅଧିକ ସମୟ ପର୍ଯ୍ୟନ୍ତ ଛାଡ଼ନ୍ତୁ ନାହିଁ। ଏପରି କରିବା ଦ୍ୱାରା କେଶ ଉପରେ ଧୂଳିମଳି ଲାଗିଯାଏ। ଫଳରେ ଏହାଦ୍ୱାରା ରୂପି ହେବାର ଆଶଙ୍କା ଅଧିକ ରହିଛି। ତେଲ ଲାଗିଥିବା କେଶକୁ କେବେ ବି ୧୨ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ ଖାଲି ଛାଡ଼ନ୍ତୁ ନାହିଁ ।
- କେଶ ପାଇଁ ନଡ଼ିଆ ତେଲ ସର୍ବୋତ୍ତମ। ହେଲେ ମନେ ରଖନ୍ତୁ କେଶରୁ ତେଲ ଛଡ଼ାଇବା ଲାଗି କେମିକାଲଯୁକ୍ତ ଶାମ୍ପୁ ପରିବର୍ତ୍ତେ ମାଇଲ୍ଡ ହର୍ବାଲ ଶାମ୍ପୁ ବ୍ୟବହାର କରନ୍ତୁ।

# ଛୋଟ ପକେଟର ରାଜ୍



ଆଜିକାଲି ଜିନ୍ସ ପିନ୍ଧିବାର କ୍ରେଜ୍ ସମସ୍ତଙ୍କର ରହିଛି। ଯଦି ଜିନ୍ସ ବ୍ରାଣ୍ଡେଡ୍ ହେଲା ତ ପର୍ସନାଲିଟି ବହୁତ ବଢ଼ିଯାଇଥାଏ। ହେଲେ କେବେ ଚିନ୍ତା କରିଛନ୍ତି ଜିନ୍ସରେ ରହିଥିବା ଛୋଟ ପକେଟ୍ ବିଷୟରେ। କେହି କେହି ଏହି ପକେଟରେ କଏନ ରଖିଥାନ୍ତି ତ ଆଉ କେହି ଚକୋଲେଟ୍ କିମ୍ବା ଚୁଇଙ୍ଗମ୍ ରଖିଥାନ୍ତି। ହେଲେ ଏହି ଛୋଟ ପକେଟରେ ଛୋଟ ବଟନର ଇତିହାସ ବହୁ ପୁରୁଣା। ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଏହି ପକେଟ୍ ଚାବି, କଏନ କିମ୍ବା ଚକୋଲେଟ ରଖିବା ଲାଗି ନୁହେଁ ବରଂ ଘଣ୍ଟା ରଖିବା ଲାଗି ତିଆରି ହୋଇଥିଲା ଏବଂ ଏହାକୁ ୱାଚ ପକେଟ କୁହାଯାଇଥାଏ। କୁହାଯାଏ ୧୮୦୦ ମସିହାରେ କାଓବୟଜ ତାଙ୍କ ବେସକୋର୍ଟରେ ଘଣ୍ଟା ରଖୁଥିଲେ। କିନ୍ତୁ ସୁରକ୍ଷା ଦୃଷ୍ଟିରୁ ଏହା ଠିକ୍ ନଥିବାରୁ ଜିନ୍ସ ନିର୍ମାଣକାରୀ କମ୍ପାନୀ ଲିଭାଇସ ଏହି ୱାଚ ପକେଟରେ ଶୁଭାରମ୍ଭ କରିଥିଲା। ଏଥିସହ ପକେଟ ଉପରକୁ ଲାଗିଥିବା ଛୋଟ ବଟନଟି ଏମିତି ଷ୍ଟାଇଲ ପାଇଁ ନୁହେଁ ବରଂ ମଜବୁତ ପାଇଁ ରଖାଯାଇଥାଏ। କାରଣ ପକେଟ୍ ଫାଟିଯିବ କିମ୍ବା ସିଲେଇ ଖୋଲିଯିବାର ବହୁ ସମ୍ଭାବନା ରହୁଥିଲା।

# ସାଲାଡ ଖାଉଛନ୍ତି କି ?



କିଛି ସ୍ଥାନରେ ଲୋକଙ୍କୁ ଆକର୍ଷିତ କରିବାକୁ ବିଭିନ୍ନ ରଙ୍ଗ ବେରଙ୍ଗର ସାଲାଡ଼ ସୁସଜ୍ଜିତ ହୋଇ ରହିଥାଏ। କିନ୍ତୁ ଏକଥା ଧ୍ୟାନଦେବା ଜରୁରୀ ଯେ ପ୍ରକୃତରେ ସାଲାଡ଼ରେ କ'ଣ ସବୁ ଜିନିଷ ମିଶିକି ରହିଛି। ବେଳେବେଳେ ସ୍ୱାଦ ବଢ଼ାଇବାକୁ ଏଥିରେ କିଛି ଜିନିଷ ସାମିଲ କରାଯାଇଥାଏ, ଯାହା ପାଟିକୁ ସୁଆଦ ଲାଗୁଥିଲେ ବି ଦେହପାଇଁ ଏକଦମ୍ ଖରାପ। ତେଣୁ ଏକଥା ନିଶ୍ଚିତ ଭାବେ ଧ୍ୟାନ ରଖିବେ ଯେ ସାଲାଡ଼ ଯେପରି ଗ୍ରୀନ ରହେ। ହଁ ଏକଥା ମଧ୍ୟ ଧ୍ୟାନଦେବେ ଯେ ସାଲାଡ଼ ଅର୍ଡ଼ର କରିବାବେଳେ ଏହାର ଡ୍ରେସିଂକୁ ଅଲଗା ମାଗନ୍ତୁ। ଏକଥା ବି ଧ୍ୟାନଦେବା ଉଚିତ ଏହାର ବେସ୍ ଅଲିଭ ହୋଇଥିବା ଜରୁରୀ। ସାଲାଡ଼ରେ ଛେନା ପକାଇବାକୁ ସମ୍ପୂର୍ଣ୍ଣ ବାରଣ କରନ୍ତୁ। କାରଣ ସାଧାରଣତଃ ସାଲାଡ଼ ଖାଇଥାନ୍ତି ୱେଟ୍ ଲସ୍ ପାଇଁ। କିନ୍ତୁ ଏଥିରେ ଯଦି ଏକ ସ୍ୱତନ୍ତ୍ର ଧରଣର ଛେନା (ମୋଜରେଲା)ର ବ୍ୟବହାର ହୋଇଛି ତ ଏଥିରୁ ଦୂରେଇ ରୁହନ୍ତୁ କିମ୍ବା ଅର୍ଡ଼ର କଲାବେଳେ ସମ୍ପୂର୍ଣ୍ଣ ମନା କରନ୍ତୁ। କାରଣ ଏକଥା ସମସ୍ତେ ଭଲଭାବେ ଅବଗତ ଥିବେ ଯେ ଚିଜରେ ହାଇ କ୍ୟାଲୋରିଜ୍ ଏବଂ ଫ୍ୟାଟ୍ ରହିଥାଏ। ଏକଥା ସତ ଡ୍ରାୟ ଫ୍ରୁଟ୍ସ ସାଲାଡ଼ର ସ୍ୱାଦ ବଢ଼ାଇଥାଏ। କିନ୍ତୁ ଏହା ମଧ୍ୟ ଆପଣଙ୍କ ପାଇଁ କ୍ଷତିକାରକ। ଏହାର ଇନଟେକରେ ସୁଗାର ଲେବଲ ବଢ଼ିଯାଇଥାଏ।

# ଧ୍ୱନି ପ୍ରତିଧ୍ୱନି



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସୁନାର ଚାହିଦା...

ସମ୍ପ୍ରତି ଆନ୍ତର୍ଜାତିକସ୍ତରରେ ସୁବର୍ଣ୍ଣ(ସୁନା) ମୂଲ୍ୟ ଅବିଶ୍ୱସନୀୟ ଭାବେ ବୃଦ୍ଧି ପାଇବାରେ ଲାଗିଛି। ବିଶ୍ୱର ପ୍ରାୟ ସମସ୍ତ ଦେଶବାସୀଙ୍କ ସୁବର୍ଣ୍ଣ ପ୍ରତି ଆକର୍ଷଣ ବହୁକାଳରୁ ରହିଆସିଛି। ବିଶେଷ କରି ଆମ ଦେଶରେ ସୁବର୍ଣ୍ଣ ପ୍ରତି ମୋହ ଓ ଆକର୍ଷଣ ଅନ୍ୟାନ୍ୟ ରାଷ୍ଟ୍ରଠାରୁ ବହୁ ଆଗରେ। ଭାରତୀୟ ମହିଳାମାନେ ଅତୀବ ଅଳଙ୍କାର ପ୍ରିୟ। ଅନେକ ଦୁର୍ମୂଲ୍ୟ ଧାତୁ ଥିଲେ ମଧ୍ୟ ସୁବର୍ଣ୍ଣକୁ ସୌନ୍ଦର୍ଯ୍ୟ ଓ ରୂପଚର୍ଯ୍ୟାରେ ବ୍ୟବହାର କରିବାରେ ଭାରତୀୟମାନେ ସବୁଠାରୁ ଆଗରେ। ଭାରତୀୟ ସମାଜରେ ଏହି ହଳଦିଆ ଧାତୁର ବ୍ୟବହାର ବିଭିନ୍ନ ପୂଜାବିଧି, ବ୍ରତ ଓ ବିବାହ ପରି ଉତ୍ସବ, ଦାନ, ଧର୍ମ ତଥା ଅନ୍ୟାନ୍ୟ ସାମାଜିକ ଅନୁଷ୍ଠାନ ନିମନ୍ତେ ଧନୀ-ଗରିବ ନିର୍ବିଶେଷରେ ଅପରିହାର୍ଯ୍ୟ ହୋଇପଡ଼ିଛି। ସୁବର୍ଣ୍ଣ ପ୍ରତି ଥିବା ଦୁର୍ବାର ଆକର୍ଷଣ କିପରି, ତାହା ୧୮୪୮ ମସିହାରେ ଆମେରିକାର ବିସ୍ତୀର୍ଣ୍ଣ ଅଞ୍ଚଳ କାଲିଫର୍ଣ୍ଣିଆଠାରେ ସୁବର୍ଣ୍ଣ ସନ୍ଧାନ ସକାଶେ ଘଟିଥିବା 'ଗୋଲ୍ଡ ରସ୍'ରୁ ପ୍ରମାଣ ମିଳିଯାଏ। ଅନ୍ୟାନ୍ୟ ଦେଶ ଓ ଆମେରିକାରେ ବିଭିନ୍ନ ପ୍ରାନ୍ତରୁ ପ୍ରାୟ ତିନିଲକ୍ଷ ଲୋକଙ୍କ ସ୍ରୋତ କାଲିଫର୍ଣ୍ଣିଆକୁ ଛୁଟିଥିଲା, ଯାହା ସେହି ଅଞ୍ଚଳର ଭାଗ୍ୟ ବଦଳାଇ ଦେଇଥିଲା। ସୁବର୍ଣ୍ଣ ସନ୍ଧାନର ଦୁର୍ବାର ନିଶା ଯୋଗୁଁ ଉପୁଜିଥିବା ଆଶା, ନିରାଶା, କ୍ଷୁଧା, ପ୍ରତାରଣା ଓ ପ୍ରତିଶୋଧ ଉଗ୍ର ରୂପ ନେଇଥିଲା। ଆର୍ଥିକ ଦୃଷ୍ଟିକୋଣରୁ କାଲିଫର୍ଣ୍ଣିଆ ବିକଶିତ ହୋଇଥିଲା ସତ, କିନ୍ତୁ ସେଠାକାର ଅଧିବାସୀମାନଙ୍କ ନିମନ୍ତେ 'ଗୋଲ୍ଡ ରସ୍' ଅଭିଶାପରେ ରୂପାନ୍ତରିତ ହୋଇଥିଲା। ଶ୍ରେଣୀ ସଂଘର୍ଷ ଯୋଗୁଁ ଅନେକ ବାସଚ୍ୟୁତ ହୋଇଥିଲେ। ଜଙ୍ଗଲ ଧ୍ୱଂସ ଜନିତ ହିଂସ୍ର ଜୀବନର ଦ୍ରୁତ ଅବନତି, ବ୍ୟାପକ ମୃତ୍ତିକା କ୍ଷୟ, ଜଳ ପ୍ରଦୂଷଣ ଆଦି ଘଟି ପରିବେଶ ଉପରେ ଘୋର ପ୍ରତିକୂଳ ପ୍ରଭାବ ପକାଇଥିଲା। ସେଦିନର କାଲିଫର୍ଣ୍ଣିଆରେ ଘଟିଥିବା 'ଗୋଲ୍ଡ ରସ୍' ଏବେ ବିଶ୍ୱର ବିଭିନ୍ନ ଅଞ୍ଚଳକୁ ସମ୍ପ୍ରସାରିତ ହେବାରେ ଲାଗିଛି ଏକ ଭିନ୍ନ ରୂପରେ। ସୁବର୍ଣ୍ଣ କେବଳ ଯେ ମୂଲ୍ୟବାନ ଅଳଙ୍କାର ନିମନ୍ତେ ବ୍ୟବହାର ହୁଏ ତାହା ନୁହଁ; ଆନ୍ତର୍ଜାତିକ ସ୍ତରରେ ଏହା ମଧ୍ୟ ମୁଦ୍ରା ରୂପେ ବ୍ୟବହୃତ ହେଉଥିଲା। ୧୮୭୧ ମସିହାରେ ଆନ୍ତର୍ଜାତିକ 'ସ୍ୱର୍ଣ୍ଣମାନ'(ଗୋଲ୍ଡ ଷ୍ଟାଣ୍ଡାର୍ଡ)ର ସୂତ୍ରପାତ ହେଲା ଏବଂ ୧୯୦୦ ମସିହା ସୁଦ୍ଧା ସର୍ବାଧିକ ବିକଶିତ ରାଷ୍ଟ୍ରମାନେ ଏହି 'ସ୍ୱର୍ଣ୍ଣମାନ'ରେ ସାମିଲ ହୋଇଥିଲେ। କିନ୍ତୁ ପ୍ରଥମ ବିଶ୍ୱଯୁଦ୍ଧ ପରେ ଅଧିକାଂଶ ରାଷ୍ଟ୍ର 'ସ୍ୱର୍ଣ୍ଣମାନ' ଅର୍ଥାତ ସୁବର୍ଣ୍ଣ ମୁଦ୍ରା ପ୍ରଚଳନରୁ ଓହରି ଯାଇଥିଲେ। ୟୁକେ, ଫ୍ରାନ୍ସ, ଜର୍ମାନୀ ଓ ଆହୁରି ଅନେକ ରାଷ୍ଟ୍ର ସୁବର୍ଣ୍ଣ ରପ୍ତାନି ଉପରେ ପ୍ରତିବନ୍ଧକ ଲାଗୁ କରିଥିଲେ। ଏହାପଛରେ ଅନେକ କାରଣ ଥିଲା। ପ୍ରଥମତଃ, ସ୍ୱର୍ଣ୍ଣ ମୁଦ୍ରାର ଯୋଗାଣ ପୂର୍ଣ୍ଣମାତ୍ରାରେ ସୁବର୍ଣ୍ଣ ଖଣିରୁ ଉତ୍ତୋଳିତ ଧାତୁ ଉପରେ ନିର୍ଭର କରୁଥିଲା। ଯାହାଫଳରେ ସରକାର ମୁଦ୍ରା ଚାହିଦା ପୂରଣ କରିବାକୁ ଆବଶ୍ୟକତା ଅନୁଯାୟୀ ଯୋଗାଣ କରିବାରେ ଅସମର୍ଥ ହେଲେ। 'ସ୍ୱର୍ଣ୍ଣମାନ'ରେ ମୁଦ୍ରା ଯୋଗାଣ ନମନୀୟ ନଥିଲା। ଫଳରେ ମୁଦ୍ରାର ଚାହିଦା ଓ ଯୋଗାଣ ମଧ୍ୟରେ ସନ୍ତୁଳନ ରକ୍ଷା ହୋଇପାରିଲା ନାହିଁ। ଦ୍ୱିତୀୟତଃ, ମୁଦ୍ରାମୂଲ୍ୟର ଅସ୍ଥିରତା ଯୋଗୁଁ ଅର୍ଥନୀତିରେ ମୁଦ୍ରାସ୍ଫୀତି କିମ୍ବା ଅବସ୍ଫୀତି ସୃଷ୍ଟି ହେଲା। ଆନ୍ତର୍ଜାତିକ ବିନିମୟ ମୂଲ୍ୟରେ ଘୋର ଅସ୍ଥିରତା ଦେଖାଦେଲା। ସୁତରାଂ ବିଶ୍ୱସ୍ତରରେ ସ୍ୱର୍ଣ୍ଣ ମୁଦ୍ରା ଅପସରିଗଲା। ସୁବର୍ଣ୍ଣ ପରି ଏକ ମହାର୍ଘ ଧାତୁ ମୁଦ୍ରା ପ୍ରଚଳନରୁ ବାଦ୍ ପଡ଼ିଲେ ମଧ୍ୟ ବିଶ୍ୱର ପ୍ରାୟ ସମସ୍ତ କେନ୍ଦ୍ରୀୟ ବ୍ୟାଙ୍କମାନେ ଏକ ନିର୍ଦ୍ଦିଷ୍ଟ ପଦ୍ଧତି ଅନୁଯାୟୀ ବ୍ୟାଙ୍କ୍ ନୋଟ୍ ଛାପିବା କ୍ଷେତ୍ରରେ ବୈଦେଶିକ ବିନିମୟ ମୁଦ୍ରା ବ୍ୟତୀତ ସୁବର୍ଣ୍ଣ ମହଜୁଦ ରଖିବାକୁ ବାଧ ହେଲେ। ଏବେ ବିଶ୍ୱର ସମସ୍ତ ରାଷ୍ଟ୍ର କାଗଜ ନୋଟ୍ ପ୍ରଚଳନ କରୁଛନ୍ତି। କାଗଜ ମୁଦ୍ରାର ଯୋଗାଣ ସଂରକ୍ଷିତ ବୈଦେଶିକ ମୁଦ୍ରା ଓ ସୁବର୍ଣ୍ଣର ଗଚ୍ଛିତ ପରିମାଣ ଉପରେ ନିର୍ଭର କରେ। କେନ୍ଦ୍ରୀୟ ବ୍ୟାଙ୍କ୍ ସମୂହ ଏ ଦିଗରେ ବିଭିନ୍ନ ପଦ୍ଧତି ମାନ ଅନୁସରଣ କରନ୍ତି। ପ୍ରାରମ୍ଭରେ କେନ୍ଦ୍ରୀୟ ବ୍ୟାଙ୍କ୍‌ମାନଙ୍କୁ ଛାପିବାକୁ ଥିବା ନୋଟ୍ ପରିମାଣ ଅନୁଯାୟୀ ଅନୁରୂପ ପରିମାଣର ସୁବର୍ଣ୍ଣ ମହଜୁଦ ରଖିବାକୁ ପଡୁଥିଲା। କିନ୍ତୁ ଏହି ପଦ୍ଧତି ଅନୁଯାୟୀ ମୁଦ୍ରା ଯୋଗାଣ ସ୍ଥିତିସ୍ଥାପକ ହୋଇପାରିଲା ନାହିଁ। ତେଣୁ ସମ୍ପ୍ରତି ଭାରତୀୟ ରିଜର୍ଭ ବ୍ୟାଙ୍କ ନୋଟ ପ୍ରଚଳନରେ ସର୍ବନିମ୍ନ ସଂରକ୍ଷଣ ପଦ୍ଧତି ଅନୁସରଣ କରୁଛି। ଏହି କ୍ଷେତ୍ରରେ ଏକ ସର୍ବନିମ୍ନ ପରିମାଣର ସୁବର୍ଣ୍ଣକୁ ଆନୁପାତିକ ଭାବେ ସଂରକ୍ଷଣ କରିବାକୁ ପଡ଼େ। ଦ୍ରୁତଆର୍ଥିକ ବିକାଶ ଓ ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ସ୍ଥିତିସ୍ଥାପକ ମୁଦ୍ରା ଯୋଗାଣ ନିମନ୍ତେ ଏହା ଅତ୍ୟନ୍ତ ଉପଯୋଗୀ। ଏବେ ସୁନା ଦର ବୃଦ୍ଧି ବିଶ୍ୱସ୍ତରରେ ଚହଳ ସୃଷ୍ଟି କରିଛି। ଆମ ଦେଶରେ ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପ୍ରତି ୭୩୦୦୦ ଟଙ୍କା ଅତିକ୍ରମ କରିଥିବା ବେଳେ ଏବେ କିଛିମାତ୍ରାରେ ଏହାର ମୂଲ୍ୟରେ ସୁଧାର ଆସିଛି। ଚୀନ୍, ଭାରତ, ତୁର୍କୀ ଆଦି ଦେଶ ସେମାନଙ୍କର ସୁବର୍ଣ୍ଣ ଭଣ୍ଡାରକୁ ବୃଦ୍ଧି କରିବା ପାଇଁ ବିପୁଳ ପରିମାଣର ସ୍ୱର୍ଣ୍ଣ କ୍ରୟ କରୁଛନ୍ତି। ଏଥିସହିତ କେନ୍ଦ୍ରୀୟ ବ୍ୟାଙ୍କମାନେ ବୈଦେଶିକ ବିନିମୟ ମୁଦ୍ରା ଭଣ୍ଡାରକୁ ବୃଦ୍ଧି କରିବା ପରିବର୍ତ୍ତେ ସୁବର୍ଣ୍ଣ ଅଧିକରୁ ଅଧିକ ମହଜୁଦ ରଖି ଲାଭବାନ ହେବା ନିମନ୍ତେ ପ୍ରୟାସ କରୁଥିବାରୁ ସ୍ୱର୍ଣ୍ଣ ମୂଲ୍ୟରେ ବ୍ୟାପକ ବୃଦ୍ଧି ଘଟିଛି। ଏହାବ୍ୟତୀତ ହମାସ- ଇସ୍ରାଏଲ ଯୁଦ୍ଧ, ବିଶ୍ୱ ତୈଳବଜାରରେ ଦର ବୃଦ୍ଧି, ଇସ୍ରାଏଲ ସହ ଭାରତର ବାଣିଜ୍ୟ ସମ୍ପର୍କରେ ବ୍ୟାଘାତ ଆଦି ସୁବର୍ଣ୍ଣ ମୂଲ୍ୟସ୍ଫୀତିକୁ ଅଧିକ ବେଗବାନ କରିଛି। ଆମେରିକା ଡଲାର ଇଣ୍ଡେକ୍ସ ଓ ଭାରତର ସୁନା ଦର ମଧ୍ୟରେ ବିପରୀତ ସମ୍ବନ୍ଧ ଥିବା ଯୋଗୁଁ ଆମେରିକା ଡଲାର ଇଣ୍ଡେକ୍ସ ହ୍ରାସ ପାଇବାର ପ୍ରଭାବ ସୁନା ଦରରେ ପ୍ରତିଫଳିତ ହୋଇଛି।



# ସାନ୍ତାଳ ବିବାହ : ଏକ ସାମାଜିକ ସ୍ୱୀକୃତି

**ଦଶରଥ ହେମ୍ବ୍ରମ୍**

ସାନ୍ତାଳୀ ଗଣନା ଅନୁସାରେ ବରଷର ବାରମାସ ମଧ୍ୟରୁ ମାଘ ମାସକୁ ପ୍ରଥମ ମାସ ଭାବରେ ଗଣନା କରାଯାଏ। ତେଣୁ ସାନ୍ତାଳୀ ପଞ୍ଜିକାନୁଯାୟୀ ଏହି ମାସରେ ପଡୁଥିବା ମାଗ୍ ସିମ୍ ପୂଜାକୁ ବିଧି ଅନୁସାରେ ସମ୍ପନ୍ନ କରି ବର୍ଷକୁ ସ୍ୱାଗତ କରିଥାନ୍ତି। ପ୍ରତ୍ୟେକ ସାନ୍ତାଳ ଗ୍ରାମରେ ଏହି ମାସରେ ମାଝୀମାପାଞ୍ଜୀ ନିର୍ବାଚନ ବ୍ୟବସ୍ଥା ଥିବାରୁ ଗ୍ରାମର ମାଝୀମାପାଞ୍ଜୀ ମାନେ ଲୋକମାନଙ୍କ ଦ୍ୱାରା ନିର୍ବାଚିତ ହୋଇଥାନ୍ତି। ତା'ପରେ ଗ୍ରାମରେ ଥିବା ଗ୍ରାମଲୋକଙ୍କର ସର୍ବାଙ୍ଗୀନ ସମସ୍ୟାକୁ ଦୃଷ୍ଟିରେ ରଖି ନିଷ୍ଠା ସହ ତାଙ୍କର କାର୍ଯ୍ୟକୁ ସମ୍ପାଦନ କରିଥାନ୍ତି। କେବଳ ଯେ ମଣିଷ ଜନ୍ମଠାରୁ ମୃତ୍ୟୁର ଶେଷ କ୍ରିୟାକର୍ମ ଯାଏଁ ସେମାନଙ୍କ ଉପସ୍ଥିତରେ କାର୍ଯ୍ୟ ସିଦ୍ଧ କରାଯାଏ ତାହା ନୁହଁ, ସେହି ଗ୍ରାମରେ ଥିବା ପ୍ରତି ମାଙ୍ଗଳିକ କାର୍ଯ୍ୟରେ ମଧ୍ୟ ସେମାନଙ୍କ ଉପସ୍ଥିତି ରହିବା ବିଧେୟ। ତେଣୁ ଗ୍ରାମର ମୁଖିଆମାନଙ୍କ ଭୂମିକା ସାନ୍ତାଳ ସମାଜରେ ବହୁ ଗୁଣରେ ଗୁଣିତ ।

ମାଗ୍ ସିମ୍ ପୂଜା ଗ୍ରାମରେ ସରିବା ପରେ ବିବାହ ଯୋଗ୍ୟ ପୁଅଙ୍କ ପାଇଁ 'ବାହାଚିୟା' ଅର୍ଥାତ୍ ପାତ୍ରୀଖୋଜା ଶୁଭାରମ୍ଭ ହୁଏ। ପୁଅ ଏବଂ ଝିଅଙ୍କ ମଧ୍ୟରେ ଯଦି ବିବାହ କରିବାରେ ଉଭୟଙ୍କ ପସନ୍ଦ ଆସିଥାଏ ତେବେ ଉଭୟ ପରିବାରର ମୁରବିଙ୍କ ସମେତ ଗ୍ରାମର ମାଝୀମାପାଞ୍ଜୀ ବସି ବିବାହ କାର୍ଯ୍ୟକୁ ଆଗେଇ ନେଇଥାନ୍ତି। ବିବାହ ଖବର ଦେବାନେବା ପାଇଁ ଦ୍ୱିପାକ୍ଷିକ ରାଜି ଅନୁଯାୟୀ ମଧ୍ୟସ୍ଥି ନିଯୁକ୍ତି ପାଇଥାଏ। ସାନ୍ତାଳୀରେ ତା'କୁ 'ରାଇବାର' କୁହନ୍ତି। ଏହାରି ମାଧ୍ୟମରେ ବିବାହର ଯାବତୀୟ ଖର୍ଚ୍ଚର ହିସାବ-କିତାବର ଏକ ଚିଠା ପ୍ରସ୍ତୁତ କରି ଉଭୟ ପରିବାରରେ ତାହା ବିଚାରକୁ ନିଆଯାଏ। ସମ୍ବଳ ଓ ସମ୍ଭବାନୁଯାୟୀ ବାହାଘର ଧାର୍ଯ୍ୟ ହୁଏ। ଉଭୟ ପରିବାରର ଯେତେ ଆତ୍ମୀୟ ବନ୍ଧୁବାନ୍ଧବ ଅଛନ୍ତି ସମସ୍ତଙ୍କୁ 'ଗିରା' ମାଧ୍ୟମରେ ସୂଚାଇ ଦିଆଯାଏ। ଫୁଲଫାଲ୍‌ଗୁଣୀ ପର୍ବ ପାଳନ ପରେ ଅର୍ଥାତ୍ ଚୈତ୍ର ଓ ବୈଶାଖ ମାସରେ ସାନ୍ତାଳମାନେ ଏହି ବିବାହ କାର୍ଯ୍ୟ ସମ୍ପନ୍ନ କରିଥାନ୍ତି। କାରଣ, ଏହି ସମୟକୁ କୃଷିକର୍ମ ପ୍ରାୟ ସରିଯାଇଥିବାଯୋଗୁଁ ସମସ୍ତ ବନ୍ଧୁ ପରିଜନ ଆସିପାରିବେ ଏବଂ ନୂଆ ଦମ୍ପତିଙ୍କୁ ଆଶୀର୍ବାଦ କରିପାରିବାର ସୌଭାଗ୍ୟ ସମସ୍ତେ ଲାଭ କରିବେ। ଏହି ମାସକୁ ଶୁଭ ମାସ ବୋଲି ସାନ୍ତାଳ ଲୋକମାନେ ବିଶ୍ୱାସ କରନ୍ତି। ତେବେ ଏହି ବିବାହ ଯୁବକ ଏବଂ ଯୁବତୀଙ୍କୁ ସହାବସ୍ଥାନ ପାଇଁ ସାନ୍ତାଳ ସମାଜ ମାନ୍ୟତା ଦେବାଦ୍ୱାରା ବିବାହକୁ ଏକ ସାମାଜିକ ସ୍ୱୀକୃତି ଭାବରେ ବିବେଚନା କରାଯାଏ। ବୈଦିକ ମନ୍ତ୍ରୋଚ୍ଚାରଣ ସହିତ ବିବାହ ସମ୍ପନ୍ନ ହୋଇଥାଏ।

ସାନ୍ତାଳ ସମାଜରେ ଅନେକ ପ୍ରକାର ବିବାହ ପ୍ରଚଳିତ ରହିଛି। ସେଗୁଡିକ ହେଲା- ସାଙ୍ଗେ ବାରିୟାତ୍, ଦଲ୍/ ସିରିବାରୀ/ଦୁଆର୍, ଆପାର୍ଗି, କଣ୍ଡେଲ/ ଗୁଲଦାଉ ଞାପାମ, ଅର ଆଦେର, ଞିରବଲ, ଟୁଙ୍କି ଦିପିଲ/ ହାଲାମ୍ ବାରିୟାତ୍, ସାଙ୍ଗା, ଗଲାଏଁଟେ, ଜାୟାଁୟ କିରିଞ୍ଜ, ହିରମ୍ ଚେତାନ୍, ଇପୁତୁଦ, ଘାର୍ଦ୍ଦୀ ଜାୟାଁୟ ଏବଂ ଆଗୁ ହାତଲ ଇତ୍ୟାଦି। ବର୍ତ୍ତମାନ ସମୟରେ ଏହିସବୁ ବିବାହ ମଧ୍ୟରୁ ଦୁଆର୍ ବାପ୍ଲା ସାନ୍ତାଳମାନଙ୍କର ମୁଖ୍ୟ ବାହାବଘର ବୋଲି ସମାଜ ସ୍ୱୀକୃତି ଦେଇଥିବା ବେଳେ ସାଙ୍ଗେ ବାରିୟାତ୍ ଥିଲା ପୁରାତନ ଯୁଗରେ ପ୍ରମୁଖ ବିବାହ।

ସାନ୍ତାଳ ବିବାହ କେବଳ ଦୁଇଟା ପରିବାରକୁ ଯୋଡ଼େ ନାହିଁ ବରଂ ଦୁଇଟି ଗ୍ରାମ ମଧ୍ୟରେ ସମ୍ପର୍କକୁ ମଜଭୁତ କରିଥାଏ। ତେଣୁ ଗ୍ରାମରେ ହେଉଥିବା ସମସ୍ତ ବିବାହରେ ଦୁଇଟି ଗ୍ରାମର ପ୍ରତିନିଧିତ୍ୱ ଭାବେ ଗ୍ରାମ୍ୟମୁଖ୍ୟ ମାଝୀ ସହିତ ଦୁଇ ପକ୍ଷର ମୁରବି ଏବଂ ମଧ୍ୟସ୍ଥଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱ ବହନ କରେ। ଯେ କୌଣସି ବିବାହର ଶୁଭ ଓ ଅଶୁଭ ଏବଂ କେଉଁ ଦିନରେ ବାହାଘର ଅନୁଷ୍ଠିତ କରାଯିବ, ସେମାନେ ହିଁ ଗଣନା କରିଥାନ୍ତି। ତାଙ୍କରି ନିଷ୍ପତିକ୍ରମେ ବାହାଘରଟି ସମ୍ପନ୍ନ ହୁଏ। ତେବେ ବିବାହ ପୂର୍ବରୁ 'ହରଃ' ଚିହ୍ନା ପରମ୍ପରା ରହିଛି। କନ୍ୟାପଣ ନିରୂପଣ ଚୂଡ଼ାନ୍ତ ହେଲେ 'ପିନ୍ଧାଣୀ' ପର୍ବର ଆୟୋଜନ କରାଯାଏ। ବରପକ୍ଷ କନ୍ୟାଗୃହକୁ ଯାଇ ଝିଅକୁ ଗହଣା ପିନ୍ଧାଇ ବୋହୂ-ଚିହ୍ନଟ କରି ଆସନ୍ତି। ସେହିପରି କନ୍ୟାପକ୍ଷରୁ ମାମୁ-ମାଇଁ, କାକା-ଖୁଡ଼ୀ, ଗ୍ରାମର ମୁଖିଆ, ଉପମୁଖିଆ ଦମ୍ପତି ଆସି ବରକୁ କିଛି ପିନ୍ଧାଇ ଆସନ୍ତି। ତା'ପରେ ବାହାଘର ଅନୁଷ୍ଠିତ ହୁଏ। ବିବାହର ପୂର୍ବ ଦିନରେ 'ବାପ୍ଲା ସିମ୍' ପୂଜା କରି ସାରିବା ପରେ ବିବାହ କାର୍ଯ୍ୟକୁ ଆଗେଇ ନେଇଥାନ୍ତି। ବିବାହ କାର୍ଯ୍ୟ ନ ସରିବା ପର୍ଯ୍ୟନ୍ତ ଉଭୟ ପରିବାରର କନ୍ୟା, କନ୍ୟାର ପିତା-ମାତା ଏବଂ ବର, ବରର ପିତା-ମାତା ଉପାସ ରହିବାର ବିଧି ରହିଛି। ସେହି ଦିନରେ ହିଁ ବରଙ୍କ ଭାଉଜ ବରଙ୍କୁ ଜୁଆଡ଼ି ଉପରେ ବସେଇ ବାଡୁଆ ପାଣିରେ ଗାଧେଇବା ପରେ ତାଙ୍କ ହାତରେ ଖିଲିକାତି/ଗୁଆକାତି ଧରେଇବା ସହିତ ସୂତାକୁ ହଳଦୀ କରି ଆମ୍ବପତ୍ର ବଳା ତିଆରି କରି ଡାହାଣ ହାତରେ ଏବଂ କୁଶରେ ତିଆରି ମୁଦି ଆଙ୍ଗୁଠିରେ ପିନ୍ଧାଇ ଦିଅନ୍ତି। ସେହିପରି କନ୍ୟାଙ୍କ ଭାଉଜ କନ୍ୟାଙ୍କୁ ମଧ୍ୟ ଜୁଆଡ଼ି ଉପରେ ବସେଇ ବାଡୁଆ ପାଣିରେ ଗାଧେଇ ତାଙ୍କ ହାତରେ କାଜରାଆଟି ଧରେଇବା ସହିତ ସୂତାକୁ ହଳଦୀ କରି ଆମ୍ବପତ୍ର ବଳା ତିଆରି ଡାହାଣ ହାତରେ ଏବଂ କୁଶରେ ତିଆରି ମୁଦି ଆଙ୍ଗୁଠିରେ ପିନ୍ଧାଇ ଦିଅନ୍ତି। ଏହାପରେ ବର କିମ୍ବା କନ୍ୟା ଏକା କୁଆଡ଼େ ବାହାରକୁ ଯାଇପାରିବେ ନାହିଁ। ସେଥିପାଇଁ ବର ଓ କନ୍ୟାଙ୍କୁ ବିଶ୍ୱାସଯୋଗ୍ୟ ସାଙ୍ଗ ଦେବା ପାଇଁ ବରଙ୍କୁ ପୁଅ ଏବଂ କନ୍ୟାଙ୍କୁ ଝିଅ ସାଙ୍ଗ ଜୁଟାଇ ଦିଅନ୍ତି। ତା'ପର ଦିନ ଅର୍ଥାତ ବିବାହ ଦିନରେ ବର ତା'ର ବନ୍ଧୁବାନ୍ଧବ, ସମ୍ପର୍କୀୟ ଜ୍ଞାତି କୁଟୁମ୍ବ ତଥା ବରପକ୍ଷର ପରିବାର ସଦସ୍ୟଗଣଙ୍କ ଗହଣରେ ଜାକଜମକରେ କନ୍ୟାଘର ଗାଁକୁ ଅଭିମୁଖେ ଯାତ୍ରା କରନ୍ତି। ବର କନ୍ୟାଗ୍ରାମରେ ପହଞ୍ଚିଲେ ଗ୍ରାମ ମୁଣ୍ଡରେ ଥିବା ଗଛମୂଳରେ ଡେରା କରାଯିବାର ବ୍ୟବସ୍ଥା ରହିଛି । ତା'ପରେ ସେହି ଗ୍ରାମରେ ମାଝୀ, ଗ୍ରାମବାସୀଙ୍କ ସହିତ ଗ୍ରାମ ମୁଣ୍ଡକୁ ଯାଇ 'ପାଣିଡାଲ' ଦେଇ ଗ୍ରାମ ଭିତରକୁ ସ୍ୱାଗତ ସମ୍ବର୍ଦ୍ଧନା କରି ଆଣନ୍ତି। ବାସ୍ତବରେ ଏହି ଦୃଶ୍ୟ ରୋମାଞ୍ଚକ ଏବଂ ଚମତ୍କାର ହୋଇଥାଏ, ସମସ୍ତଙ୍କ ମନରେ ଅହେତୁକ ଆନନ୍ଦ ଏବଂ ଖୁସି ଦେଇଥାଏ। ଏହି ସମୟରେ ଯୁବକ ଓ ଯୁବତୀମାନେ ମାଦଳର ତାଳେ ତାଳେ ନୃତ୍ୟ ଓ ସଙ୍ଗୀତରେ ମହୋଲ୍ଲସିତ ଭିତରେ ନିଜକୁ ହଜେଇ ଦେଇଥାନ୍ତି। କିଛି ସମୟ ପରେ କନ୍ୟା ପକ୍ଷରୁ ବରକୁ ଗାଧେଇବା ଓ ଜଳଖିଆ ଦେବାର କାର୍ଯ୍ୟ ଆରମ୍ଭ ହୁଏ। ତା'ପୂର୍ବରୁ କନ୍ୟା ଗୃହରେ କନ୍ୟାର ବଡ ଭଉଣୀ ବରକୁ ଖିଅର କରେ, କିନ୍ତୁ ବ୍ଲେଡରେ ନୁହଁ। କଳାପାତି ଓ ବାଉଁଶ ପାତିଆରେ ଖିଅର କରିବାରେ ଅଭିନୟ କରେ, ତା'ପରେ ତେଲ ହଳଦୀ ଲଗାଇ ବରକୁ ଗାଧୋଇ ଦିଏ। ସାନ୍ତାଳ ବିବାହ ପ୍ରଥା ଅନୁସାରେ କନ୍ୟାର ବଡ ଭଉଣୀଙ୍କର ବର ପାଇଁ ଏହା ପ୍ରଥମ ଓ ଶେଷ କର୍ତ୍ତବ୍ୟ। ଏହାପରେ ସାନ ଭଉଣୀର ବରକୁ ସେ କେବେ ସ୍ପର୍ଶ କରି ପାରିବ ନାହିଁ। ଏହା ଅତ୍ୟନ୍ତ ଚିତାକର୍ଷକ ଏବଂ ଶିକ୍ଷଣୀୟ ଅଟେ। ଏହାରି ଭିତରେ ଉଭୟ ପକ୍ଷ ଗ୍ରାମର ମାଝୀମାପାଞ୍ଜୀ ଏକାଠି ବସି ପୂର୍ବରୁ ଦାବି ମୁତାବକ 'ଗନଂପନ' ନେଣଦେଣ କାର୍ଯ୍ୟ ଚାଲିଥାଏ। ଏହା ସରିଲା ପରେ କନ୍ୟା ସିନ୍ଥିରେ 'ସିନ୍ଦୂର ଦାନ୍' କାର୍ଯ୍ୟକୁ ସେମାନେ ଆଗେଇ ନିଅନ୍ତି ।

କନ୍ୟା ସିନ୍ଥିରେ 'ସିନ୍ଦୂର ଦାନ୍' ଦେବା ପୂର୍ବରୁ ବର ଭେଣେଇ କାନ୍ଧରେ ବସେ, ତା'କୁ ସାନ୍ତାଳୀରେ 'ସାଦମ' ବୋଲି ଆଖ୍ୟା ଦିଆଯାଏ। ତା'ର ଶଳା ମଧ୍ୟ ତାଙ୍କର ଜଣେ ସମ୍ପର୍କୀୟ ଭିଣେଇଙ୍କ କାନ୍ଧରେ ବସି ସ୍ୱାଗତ କରିବାକୁ ବାହାରେ। ଉଭୟଙ୍କ ମଧ୍ୟରେ ସାମ୍ନାସାମ୍ନୀ ହେଲାପରେ ଚତୁପାର୍ଶ ତିନିଥର ବୁଲିବା ସମୟରେ ପରସ୍ପର ଉପରକୁ ଅରୁଆ ଚାଉଳ ଫିଙ୍ଗନ୍ତି। ତା'ପରେ ହାତ ଧରାଧରି ହୋଇ ପରସ୍ପର ମଧ୍ୟରେ ଆଲିଙ୍ଗନ ହୁଅନ୍ତି। ଶେଷରେ ଶଳା ବର(ଭେଣେଇ)ମୁଣ୍ଡରେ ନୂଆ ଗାମୁଛା ପଗଡ଼ି ପିନ୍ଧାଇ ଦିଏ, ତା'ପରେ ପାନ-ପୁଙ୍ଗି (ପାନ-ବିଡ଼ି) ପରସ୍ପର ମଧ୍ୟରେ ଆଦାନପ୍ରଦାନ ହୁଅନ୍ତି। ଏହାପରେ ବରଯାତ୍ରୀମାନେ ବଡ଼ ଡାଲା ଧରି କନ୍ୟାଗୃହ ଦ୍ୱାରକୁ ଯାଇ ଗୀତ ଗାଇ କନ୍ୟା ମାଗନ୍ତି। ସେହି ସମୟରେ ତିତରୀକୁଲୀ ଲୁଗାରେ କନ୍ୟା ଘରଦ୍ୱାରକୁ ଅବରୁଦ୍ଧ କରନ୍ତି, ତାଙ୍କର ପାଉଣା ସେମାନେ ପାଇଲେ ଘରର ଦ୍ୱାର ଖୋଲି ଦିଅନ୍ତି। ଏହି ସମୟରେ ବରର ବଡ଼/ ସାନଭାଇମାନେ କନ୍ୟାକୁ ବଡ ଡ଼ାଲାରେ ବସାଇ ଦାଣ୍ଡକୁ ଆଣିନ୍ତି, ତା'ପରେ କନ୍ୟାକୁ ଉପରକୁ ଉତ୍ତୋଳନ କରନ୍ତି। ବର ଓ କନ୍ୟାଙ୍କ ମଧ୍ୟରେ କପଡ଼ାର ପ୍ରତିବନ୍ଧକ ଟଣାଯାଏ। ଉପସ୍ଥିତ ଗ୍ରାମଲୋକମାନେ ବିବାହ ଗୀତ ଗାନ କରି ନାଚୁଥିବା ସମୟରେ ବରକନ୍ୟା ଉପରେ ଥାଇ ଗ୍ରାମ ଦେବୀଙ୍କୁ ସାକ୍ଷୀ ରଖି ଅରୁଆ ଚାଉଳରେ ଉଭୟ ଉଭୟଙ୍କୁ ଫିଙ୍ଗାଫିଙ୍ଗି ହୁଏ ଏବଂ କପଡ଼ା ପ୍ରତିବନ୍ଧକର ଚତୁପାର୍ଶ୍ୱ ତିନିଥର ପରିକ୍ରମା କରାଇ ଦିଆଯାଏ। ତା'ପରେ ପରସ୍ପରକୁ ପୂର୍ବ ପଶ୍ଚିମକୁ ମୁହଁ କରାଇ ସାମ୍ନାସାମ୍ନୀ କରିଦିଆଯାଏ। ପରସ୍ପରକୁ ଆୟଡାଳରେ ତିନିଥର ଲେଖାଏଁ ପାଣି ସିଂଚନ କରିବା ପରେ ବରକୁ ଶାଳପତ୍ରରେ ସିନ୍ଦୂର ଦିଆଯାଏ। ବର ତା'ର ବୃଦ୍ଧ ଏବଂ କନିଷ୍ଠ ଆଙ୍ଗୁଠିରେ ସିନ୍ଦୂର ନେଇ ପ୍ରଥମେ ବସୁମତୀ ମାତାଙ୍କ ଉଦ୍ଦେଶ୍ୟରେ ପକାଇ ତିନିଥର କନ୍ୟାର ସିନ୍ଥିରେ ସିନ୍ଦୂର ଲଗାଇବା ବେଳେ ତିନିଥର 'ହିର୍ଲା ମାରାଂବୁରୁ' ଧ୍ୱନି ଉଚ୍ଚାରଣ କରାଯାଏ। କପଡ଼ାର ପ୍ରତିବନ୍ଧକ ହଟାଇ ଦିଆଯାଏ, ବରକୁ ତଳେ ଓହ୍ଲାଇ ଦିଅନ୍ତି। ତା'ପରେ ଉଭୟଙ୍କ ଅଙ୍ଗବସ୍ତ୍ରକୁ ସଂଯୋଗ କରି ଗଣ୍ଠି ପକାଇ ଦିଆଯାଏ ଏବଂ ତିନି ଘେରା ହାତ ଧରାଧରି ହୋଇ ନାଚନ୍ତି, ଏହା ହେଉଛି ବିବାହର ମୁଖ୍ୟ ଅଧ୍ୟାୟ ଯାହାକି ବରକନ୍ୟାକୁ ନୂଆ ଦମ୍ପତିର ପରିଚୟ ଦେଇଥାଏ। ଏହାପରେ ନବ ଦମ୍ପତିଙ୍କୁ ବନ୍ଦାପନା କରାଯାଏ। ଏହି ଅବସରରେ ବନ୍ଧୁବାନ୍ଧବ ଆଣିଥିବା ନାନା ପ୍ରକାର ଉପହାର ଦିଆଯାଏ । ଏସବୁ ନୀତିକାର୍ଯ୍ୟ ସରିଲା ପରେ ବରକନ୍ୟାକୁ ଆଡ଼ମ୍ବରରେ କନ୍ୟାଘରୁ ବିଦାୟ ଦିଆଯାଏ। ସେହିପରି ବର ଗ୍ରାମରେ ବରକନ୍ୟାଙ୍କୁ ମହାଆଡ଼ମ୍ବରରେ ସ୍ୱାଗତ କରାଯାଏ। କିନ୍ତୁ କନ୍ୟା ସିଧାସଳଖ ବର ଗୃହରେ ପ୍ରବେଶ କରେନାହିଁ। ବରର ଭଉଣୀ ସେମାନଙ୍କ ଗୋଡ଼କୁ କଂସା ଥାଳି ଉପରେ ରଖି ଧୋଇଦିଏ ଏବଂ କନ୍ୟାର ଗୋଡ଼କୁ ଧରେ, ଯାହା ସାନ୍ତାଳୀରେ 'କାଟକମ୍' କୁହାଯାଏ। କିଛି ଟଙ୍କା ପାଇଲେ ସେ ଗୋଡ଼ ଛାଡ଼ି ଦିଏ। କେବଳ ସେତିକିରେ ତା'ର ଦାବି ପୂରଣ ହୁଏ ନାହିଁ, କନ୍ୟା ଗୃହ ପ୍ରବେଶ କଲାବେଳେ ଦ୍ୱାରକୁ ଅବରୁଦ୍ଧ କରିଥାଏ। ନଣନ୍ଦ ପେଡ଼ି ସ୍ୱରୂପ କିଛି ଟଙ୍କା ନତୁବା ଶାଢ଼ୀ ପାଇଲେ ଦ୍ୱାର ଛାଡ଼ି ଦେଇଥାଏ। ଶେଷରେ ନୂଆ ଦମ୍ପତିଙ୍କର ସେଠାରେ ପୁଣି ବନ୍ଦାପନା କରାଯାଏ। ଏଠି ମଧ୍ୟ ବନ୍ଧୁବାନ୍ଧବ ଆଣିଥିବା ଉପହାରସବୁ ନୂଆ ଦମ୍ପତିଙ୍କୁ ପ୍ରଦାନ କରିବା ସହିତ ଆଶୀର୍ବାଦ କରିଥାନ୍ତି। ଏତିକିରେ ମୁଖ୍ୟ ବିବାହ ପରିସମାପ୍ତି ହୁଏ କିନ୍ତୁ ବିବାହର ଅନ୍ୟାନ୍ୟ ନୀତିକାର୍ଯ୍ୟ 'ବାଉଲାଘୁରା' ଯାଏଁ ଲାଗିରୁହେ।

ଦୁର୍ନୀତି ନିବାରଣ ଅଧିକାରୀ,
ଦୁର୍ନୀତି ନିବାରଣ ବିଭାଗ,
ବାଲେଶ୍ୱର ଖଣ୍ଡ, ବାଲେଶ୍ୱର,
ମୋ-୯୩୩୭୪୦୪୨୫୪



# ବଡ଼ ଠାକୁରଙ୍କ ସୁନା ବେଶ

**ଖୁଲଣା ନାୟକ (ଆଚାର୍ଯ୍ୟା)**

ହିନ୍ଦୁ ମାନଙ୍କର ଆରାଧ୍ୟ ଦେବତା ଶ୍ରୀ ଜଗନ୍ନାଥ ମହାପ୍ରଭୁ ଅଗ୍ରଜ ଶ୍ରୀ ବଳଭଦ୍ର ମହାପ୍ରଭୁ ଏଂ ଭଗ୍ନୀ ମା ସୁଭଦ୍ରା ଦେବୀ ରତ୍ନ ସିଂହାସନ ରେ ବସି ସାରା ପୃଥିବୀର ହିନ୍ଦୁ ଧର୍ମାବଲମ୍ବୀ ଆବାଳ ବୃଦ୍ଧ ବନିତାଙ୍କୁ ଦର୍ଶନ ଦିଅନ୍ତି । ହିନ୍ଦୁ ଧର୍ମ ରକ୍ଷକ ମାନେ ଅଣ-ହିନ୍ଦୁ ମାନଙ୍କୁ ମନ୍ଦିର ପ୍ରବେଶ ନିଷେଧ କରିଛନ୍ତି, ତେଣୁ ପ୍ରଭୁ ସ୍ୱୟଂ ରତ୍ନ ସିଂହାସନରୁ ବାହାରି ନିଜ ଭ୍ରାତା ଏଂ ଭଗିନୀ ଙ୍କୁ ନେଇ ବର୍ଷକୁ ଥରେ ମନ୍ଦିର ବାହାରକୁ ଆସି ରଥ ଚଢ଼ି ମାଉସୀ ଗୁଣ୍ଡିଚା ଙ୍କ ଘରକୁ ବୁଲି ଯାଆନ୍ତି । ଏହି ନଅ ଦିନ ବ୍ୟାପୀ ରଥ ଯାତ୍ରା ଏଂ ବାହୁଡ଼ା ଯାତ୍ରା ସମୟରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଲକ୍ଷ ଲକ୍ଷ ଭକ୍ତ ବଡ ଦାଣ୍ଡରେ ରଥ ଉପରେ ତିନି ଠାକୁର ଙ୍କୁ ଚର୍ମ ଚକ୍ଷୁ ରେ ଦର୍ଶନ କରି ନିଜକୁ ଧନ୍ୟ ମନେ କରନ୍ତି । ଏହି ନଅ ଦିନ ବ୍ୟାପୀ ଯାତ୍ରା ସମୟରେ ବଡ ଠାକୁର ତାଙ୍କ ଅଗ୍ରଜ ତଥା ଭଗ୍ନୀ ଙ୍କ ପାଇଁ ଅନେଗୁଡ଼ିଏ ନୀତି ନିୟମ ପାଳନ ହୁଏ। ମାଉସୀ ଗୁଣ୍ଡିଚାଙ୍କ ଘରୁ ଫେରି ଶ୍ରୀ ମନ୍ଦିର ସମ୍ମୁଖରେ ସଗର୍ବେ ଦଣ୍ଡାୟମାନ ନନ୍ଦୀ ଘୋଷ, ଦର୍ପଦଳନ ଏବଂ ତାଳଧ୍ୱଜ ରଥ ଉପରେ ଭକ୍ତ ମାନଙ୍କୁ ଦର୍ଶନ ଦେଉଥିବା ତିନି ଠାକୁର ଆଷାଢ଼ ଶୁକ୍ଳ ଏକାଦଶୀ ତିଥିରେ ସୁନା ବେଶ ରେ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ଅତୀବ ମନୋରମ ଚକ୍ଷୁ ଝଲସାଇ ଦେଲା ଭଳି ସୁନା ବେଶ ବିଷୟରେ ନିଜ ସୀମିତ ଜ୍ଞାନରୁ କିଛି ଲେଖିବାକୁ ଚେଷ୍ଟା କରିଛି ତେଣିକି ସ୍ୱୟଂ ମହା ପ୍ରଭୁଙ୍କ ଇଛା ।

ଇତିହାସ କୁ ଅବଲୋକନ କଲେ ଜଣାପଡେ ଯେ, ରାଜା ଅନଙ୍ଗଭୀମ ଦେବ (୧୨୧୧-୧୨୩୮) ଓଡ଼ିଆଙ୍କ ପରମ ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କୁ ରାଷ୍ଟ୍ର ଦେବତା ରୂପେ ଘୋଷଣା କରିଥିଲେ ଏବଂ ସେହି ସମୟରେ ରାଜା ମହାରାଜା ମାନେ ପ୍ରଭୁଙ୍କ ଆଦେଶ ବାହକ ସେବକ ରୂପେ ସେବା କରୁଥିଲେ । କିଛି ରାଜା ମହାପ୍ରଭୁଙ୍କୁ ଓଡ଼ିଶାର ରାଜା ରୂପେ ଘୋଷଣା କରି ରାଜଭିଷେକ ମଧ୍ୟ କରି ଥିଲେ, କିଛି ଗବେଷକଙ୍କ ମତରେ ରାଜା ଅନଙ୍ଗଭୀମ ଦେବ ପବିତ୍ର ଆଷାଢ଼ ଏକାଦଶୀ ତିଥିରେ ସୁନାବେଶ କରାଇ ଥିଲେ । ଅନ୍ୟ କେତେ ଗବେଷକଙ୍କ ମତରେ ରଥ ଉପରେ ସୁନାବେଶ ବଡ଼ ତଢାଉଙ୍କ ପରାମର୍ଶରେ ରାଜା କରାଇ ଥିଲେ । ରାଜା କପିଳେନ୍ଦ୍ର ଦେବ ୧୪୬୦ରେ କାଞ୍ଚି ବିଜୟରୁ ଫେରିବା ବେଳେ ୧୬ଟି ହାତୀ ପିଠିରେ ସୁନା ଅଳଙ୍କାର ଆଣିଥିଲେ ଏବଂ ଏହାକୁ ମହାପ୍ରଭୁଙ୍କୁ ସମର୍ପଣ କରିଥିବା ନେଇ ଜୟବିଜୟ ଦ୍ୱାରସ୍ଥିତ ଶିଳା ଲେଖରେ ସୂଚନା ରହିଛି । ପ୍ରତିବର୍ଷ ପାଞ୍ଚ ଥର ସୁନାବେଶ ହୋଇ ଥାଏ ତନ୍ମଧ୍ୟରୁ ଚାରି ଥର ଶ୍ରୀ ମନ୍ଦିର ମଧ୍ୟରେ ଏହା ସମ୍ପର୍ଣ୍ଣ ହୋଇ ଥାଏ, ସେହି ପବିତ୍ର ଦିନ ଗୁଡିକ ହେଲା - ପୌଷ ପୂର୍ଣ୍ଣିମା, ଫାଲ୍ଗୁନ ପୂର୍ଣ୍ଣିମା ଅଶ୍ୱିନ ଶୁକ୍ଳ ଦଶମୀ ଏବଂ କାର୍ତ୍ତିକ ପୂର୍ଣ୍ଣମା। ରତ୍ନବେଦିରେ ମହାପ୍ରଭୁଙ୍କ ବିଭିନ୍ନ ବେଶକୁ ସବୁ ବର୍ଗରେ ଭକ୍ତ ଦର୍ଶନ କରି ପାରୁ ନାହାନ୍ତି ତେଣୁ ରଥ ଉପରେ ସବୁ ବର୍ଗର ଭକ୍ତ ଦର୍ଶନ ପାଇଁ ମହାପ୍ରଭୁଙ୍କ ସୁନାବେଶ କରେଇ ବାକୁ ବଡ଼ତଢାଉ ରାଜାଙ୍କୁ ଅନୁରୋଧ କରିଥିଲେ । ବାହୁଡା ଯାତ୍ରା ବା ଦକ୍ଷିଣାଭିମୁଖୀ ଯାତ୍ରାରେ ତିନି ରଥ ସିଂହଦ୍ୱାରରେ ପହଞ୍ଚିବା ପରେ ବଡ଼ ଏକାଦଶୀ ଦିନ ରଥ ଉପରେ ସୁନାବେଶ କରିବାକୁ ତତ୍କାଳୀନ ରାଜା ଅନୁମତି ଦେଇଥିଲେ । ରଥ ଉପରେ ସୁନାବେଶରେ ମହାପ୍ରଭୁଙ୍କୁ ୧୩୮ ପ୍ରକାର ରତ୍ନ ଖଚିତ ସ୍ୱର୍ଣ୍ଣାଳଙ୍କାର ଲାଗି କରାଯାଏ। ଏବେ ଏଥିରେ କିଛି ପରିବର୍ତ୍ତନ ହୋଇଛି, ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ପରେ ରଥ ଉପରେ ସୁନାବେଶ ପାଇଁ ଭଣ୍ଡାର ଗୃହରୁ ପାଳିଆ ଭଣ୍ଡାରି ମେକାପ, ପାଳିଆ ଖୁଣ୍ଟିଆ ସେବକ, ମାଜିଷ୍ଟ୍ରେଟ ପୋଲିସ ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ / ପରିଚାଳକଙ୍କ ଉପସ୍ଥିତିରେ ତିନି ଠାକୁରଙ୍କ ସୁନା ବେଶ ନିମନ୍ତେ ଅଳଙ୍କାର ଗଣତି କରି ଆଣିଥାନ୍ତି। ତିନି ରଥରେ ରଥାରୂଢ଼ ଦାରୁ ଦେବତାଙ୍କୁ ପାଳିଆ ପୁଷ୍ପାଳକ, ଦଇତାପତି, ଖୁଣ୍ଟିଆ ମେକାପ, ତଳୁଛ, ଭିତରଛ ପ୍ରମୁଖ ସୁନାବେଶ ଆଭୁଷଣ ପରିଧାନ କରାଇ ଥାନ୍ତି। ଜଗତର ନାଥ ଜଗନ୍ନାଥ ମହାପ୍ରଭୁଙ୍କ ଠାରେ ଲାଗି ହେଉଥିବା ସ୍ୱର୍ଣ୍ଣ ଅଳଙ୍କାର ଗୁଡିକ ହେଲା – ଶ୍ରୀଜଗନ୍ନାଥ କିରିଟ, ଶ୍ରୀପୟର, ଶ୍ରୀଭୁଜ, ସ୍ୱର୍ଣ୍ଣ ଚକ୍ର ଓ ରୌପ୍ୟ ଶଙ୍ଖ, ଓଡିଆଣୀ, ଚନ୍ଦ୍ରସୂର୍ଯ୍ୟ, ଆଡ଼କାନି, ଘାଗଡ଼ାମାଳି, କଦମ୍ବ ମାଳି, ବାହାଡ଼ା ମାଳି, ତାବିଜ ମାଳି, ସେବତୀମାଳି, ତିଳକ, ଚନ୍ଦ୍ରିକା, ଅଳକା, ଝୋବାକଣ୍ଠି, ତ୍ରିଖଣ୍ଡିକା, କମରପଟି ଇତ୍ୟାଦି ।

ଅଗ୍ରଜ ବଳଭଦ୍ରଙ୍କର ଠାରେ ଲାଗି ହେଉଥିବା ଅଳଙ୍କାର ଗୁଡିକ ହେଲା - ଶ୍ରୀବଳଭଦ୍ର କିରିଟ, ଶ୍ରୀପୟର, ଶ୍ରୀଭୁଜ, ହଳ ଓ ମୂଷଳ, ଓଡିଆଣୀ, କୁଣ୍ଡଳ, ଚନ୍ଦ୍ରସୂର୍ଯ୍ୟ, ଆଡ଼କାନି, ଘାଗଡ଼ା ମାଳି, କଦମ୍ବ ମାଳି, ବାହାଡ଼ା ମାଳି ବାଘନଖ ମାଳି, ସେବତୀ ମାଳି, ତିଳକ, ଚନ୍ଦ୍ରିକା, ଅଳକା, ଝୋବାକଣ୍ଠି, ତ୍ରିଖଣ୍ଡିକା, କମରପଟି ଇତ୍ୟାଦି ।

ଭଗ୍ନୀ ସୁଭଦ୍ରାଙ୍କ ଠାରେ ଲାଗି ହେଉଥିବା ସ୍ୱର୍ଣ୍ଣ ଅଳଙ୍କାର ଗୁଡିକ ହେଲା- ଦେବୀସୁଭଦ୍ରାଙ୍କ କିରୀଟ,ଓଡ଼ିଆଣୀ, କାନ, ଚନ୍ଦ୍ରସୂର୍ଯ୍ୟ, ଘାଗଡ଼ା ମାଳି,କଦମ୍ବ ମାଳି, ସେବତୀ ମାଳି, ତଗଡ଼ି ଇତ୍ୟାଦି ।

ଜଗତର ନାଥ ଜଗନ୍ନାଥ ଏବଂ ତାଙ୍କ ମହିମା ବଖାଣି ବସିଲେ ସରିବନି , ଭକ୍ତ ଭଗବାନଙ୍କ ମଧ୍ୟରେ ଅନ୍ତରର ମିଳନ , ଆଧ୍ୟତ୍ମିକ ଭାବ, ଭକ୍ତି ଏବଂ ଶାନ୍ତିର ବାର୍ତ୍ତା ବହନ କରି ଅସଂଖ୍ୟ ଜଗନ୍ନାଥ ପ୍ରେମୀ ମାନଙ୍କୁ ସ୍ୱୟଂ ଜଗନ୍ନାଥ ଶ୍ରୀ ମନ୍ଦିର ବାହାରେ ରଥାରୁଢ଼ ହୋଇ ଆଶୀର୍ବାଦ ଦେଉଛନ୍ତି । ଅନେକ ଭକ୍ତ ଅପଲକ ନୟନରେ ଛଳ ଛଳ ଚକ୍ଷୁରେ ତିନି ଠାକୁରଙ୍କ ଦିବ୍ୟ ଦର୍ଶନ କରି ମୋକ୍ଷ ପ୍ରାପ୍ତି ପାଇଁ କାମନା କରୁଛନ୍ତି । ଲକ୍ଷ ଲକ୍ଷ ଭକ୍ତ ବଡ଼ ଠାକୁରଙ୍କୁ ନିଜ ପରିବାରର ସୁଖ ଶାନ୍ତି ସହିତ ସାରା ପୃଥିବୀର ଶାନ୍ତି କାମନା କରି ପୂଜାର୍ଚ୍ଚନା କରୁଛନ୍ତି । ବଡ଼ ଠାକୁରଙ୍କ ସୁ ଦୃଷ୍ଟି ଦ୍ୱାରା ଧନ୍ୟ ହୁଅନ୍ତି ଭକ୍ତ ଧନ୍ୟ ହେବ ଜଗତ, ଏହାହିଁ ଜଗତର ନାଥ ଜଗନ୍ନାଥ ମହାପ୍ରଭୁଙ୍କ ଅସୀମ ଦୟା । ଜଗନ୍ନାଥ ସ୍ୱାମୀ ନୟନ ପଥ ଗାମୀ ଭ୍ୱ ତୁମେ।

ସ୍ନେହ କୁଟୀର, ଝଞ୍ଜିରି ମଙ୍ଗଳା
କଟକ-୭୫୩୦୦୯
ମୋ: ୯୯୩୭୧୭୪୦୯୭




## ପ୍ରେମ

**ଦିନେଶ ମେହେର**

କଣ ଆଉ କରିଥାନ୍ତି ଯେ,
ହୃଦୟ ର ଯନ୍ତ୍ରଣା ସବୁକୁ ଭାଗବଣ୍ଟା
କରିବା ପାଇଁ
ସାଥୀ ଟିଏ ତ ନିହାତି ଦରକାର !

ଏଣୁ
ମୁଁ ବି ଆରମ୍ଭ କଲି ମିଶନ୍,
ଭବାନୀପାଟଣା କଲେଜ୍ ଛକ ରୁ
ଭାଗିରଥି ପାର୍କ ଯାଏଁ,
ଜୁନାଗଡ଼ ହାତୀନଦି ବ୍ରିଜ ରୁ
ଇନ୍ଦ୍ରାବତୀ ବ୍ୟାରେଜ୍ ଯାଏଁ
ତଥାପି
ପାଇଲିନି ଗୋଟାଏ ଝଲକ୍
ଜୀବନକୁ ଆଗେଇ ନେବା ପାଇଁ !
ଶେଷରେ ଥକି ପଡ଼ି
ଲଥ୍ କରି ଘୁମେଇ ବସିଲା ବେଳକୁ
ସ୍ୱପ୍ନ ଆଗରେ ହାଜିର୍ ହୁଏ ସ୍ୱର୍ଗର
ପାରିଜାତ,
ହୃଦୟର ଶୂନ୍ୟତାରୁ ପ୍ରକମ୍ପିତ ହେଇ
ଉଠେ
ତମାମ ଯୌବନ ମୋର,
ଓଃ କି ଶାନ୍ତି-
ପ୍ରେମିକ ଟିଏ ହେବାରେ !

ଭାବେ
ମାଗିଲେ ହାତ ପାହାନ୍ତାରେ ଆସି
ପହଞ୍ଚି ଯାଆନ୍ତା କି ଆକାଶର ଜହ୍ନ;
ଜହ୍ନରୁ ଯୋଛନା ?

ତଥାପି
ରୋମାଣ୍ଟିକ ହେଇ
ନଈ କୂଳରେ କାଶତଣ୍ଡି ଦୋଳିରେ,
ଜହ୍ନର ଝାପସା ଆଲୁଅରେ,
ପାର୍ବଣର ବିଶାଳ ସମାରୋହରେ,
ହଜିଯିବି ପ୍ରେମିକା ସାଥେ,
ପୁଣି ତା ଉଷୁମ୍ ନିଶ୍ୱାସ ରେ ବୋଲି
ମାଳ ମାଳ ସ୍ୱପ୍ନ ଦେଖେ !

ସତ କହୁଛି
ଏଇ ମାନେ ହିଁ ତ ବାଧ କରନ୍ତି
ପ୍ରେମ କରିବାକୁ,
ନଈ , ଜହ୍ନ ଆଉ କାଶତାଣ୍ଡି ଅବା
ପାର୍ବଣ ଋତୁ
ସମସ୍ତେ ତ ଠେଲି ଦିଅନ୍ତି
ନିଜକୁ ପ୍ରେମିକ ସଜେଇ
ହଜି ଯିବାପାଇଁ ପ୍ରେମ ଦୁନିଆରେ !

ପଳାସ, କଳାହାଣ୍ଡି

## ଛାଇ

**ଯୋଗେଶ ଦାସ**



ତୁ ଯେଉଁଦିନ
କୁଆଁରୀ କଇଁରୁ
ନାରୀଟିଏ ହେଇଗଲୁ
ଦିନଦିନ ଧରି
ଅନ୍ଧାର ଘରେ
ଲୁଚି ଛପି ରହିଥିଲୁ ।

ଆକାଶ ପାତାଳ
କେତେ ମୁଁ ଭାବିଲି
ତୋତେ ତ ଦେଖୁନି ବୋଲି
ଯାହାକୁ ଯେତେ ବି
ପଚାରିଲେ କେହି
କହିଲେନି ମୁହଁ ଖୋଲି ।

ମାଉସୀ କହିଲେ-
ତା ଉପରେ ଏବେ
ପଡିବନି କା'ର ଛାଇ
ମନେ ଭାଳିହେଲି
ତାହେଲେ ତୁଉ ତ
ସ୍କୁଲକୁ ବି ଯିବୁ ନାହିଁ !

ଏକାଠି ଖେଳିବା
ଏକାଠି ଖାଇବା
ଏକାଠି ବୁଲିବା କଥା
କେମିତି କରିବା
ଭାବିଲା ବେଳକୁ
ବୁଲାଇଦେଲା ମୋ ମଥା ।

ସୂରୁଯର ଛାଇ
ଜହ୍ନ ଆଲୁଅ
ଛୁଇଁଲେନି ତୋତେ କେହି
ତୋ ଭଲପାଇଁ,
ମୁଁ ବି ସେଦିନୁ
ଆକଟ କଲି ମୋ ଛାଇ ।

ସ୍କୁଲ୍ ଗଲୁନି
ଯେତେଦିନ,ମୋର
ପାଠରେ ଥିଲା କି ମନ
ବହି ଖୋଲିଦେଲେ
ତୋ ମୁହଁଟି ଦିଶେ
ଶୁଭେ ତୋ ଟାପରାମାନ ।

କେହି ସାର୍ ଯଦି
ତୋ କଥା ଯେବେ
ପଚାରି ଦିଅନ୍ତି ଆସି,
ଝିଅ ସାଙ୍ଗମାନେ
ମୁହଁକୁ ଲୁଚେଇ
ହେଉଥାନ୍ତି ହସା ହସି ।

ଚିଡ ମାଡୁଥିଲା
ଝିଅଙ୍କ ଉପରେ
-ଏତେ ହସିବାର ମାନେ ?
କୋଣେଇ କୋଣେଇ
ଚାହିଁ ଦେଇ ମୋତେ
ହସୁଥିଲେ ଜଣେଜଣେ ।

ଗାଳି କରୁଥିଲି
ମନେମନେ ମୁହିଁ
-ହସିବା ସେତିକି ଥାଉ
ତୁମକୁ ବି ସବୁ
ଅନ୍ଧାର ଘରେ
ଏଇମିତି ଭୁତ ଖାଉ !

ଷୋହଳ ଦିନରେ
ସଜହେଇ ଯେବେ
ସ୍କୁଲକୁ ବାହାରୁଥିଲୁ
ବୁଝିପାରିଲିନି
ମୋ ଆଖିକୁ ଚାହିଁ
କାହିଁକି ଲାଜେଇ ଗଲୁ !

ମୋତେ ବି କାହିଁକି
ପଚାରି ଦେବାକୁ
ସାହସ ହେଲାନି ଜମା
ଲାଜରେ ଭୟରେ
ଝାଳରେ ସେଦିନ
ଭିଜିଯାଇଥିଲା ଜାମା ।

ସେହିଦିନ ଠାରୁ
ତୁ ମୋ' ସାଥିରେ
ଟାପରା କଲୁନି ଆଉ
ମୋ ଆଖିକୁ ଚାହିଁ
ବେଳେବେଳେ କିଛି
ଭାବିବାକୁ ଲାଗିଯାଉ ।

କ'ଣ ଭାବୁଛୁ
ପଚାରି ଦେଲେ ମୁଁ
ଫିକ୍ କିନି ଦେଉ ହସି,
ସିଏ କିଛିନୁହେଁ
କହିଦେଇ ଛାଏଁ
ମୋ ପାଖରୁ ଯାଉ ଖସି ।
ଞ ଞ ଞ
ଆଉ କେ ଗଛରେ
ବସା ବାନ୍ଧିବାକୁ
ଉଡିଗଲୁ ଯେଉଁଦିନ,
କହ ତ ସେଦିନ
କେତେ ଯେ କଷ୍ଟ
ହୋଇନଥିବ ମୋ ମନ !

କିଏ ବା ଜାଣିଛି
କେମିତି ରହିଛେ
ପାସୋରି ଦୁହିଁଙ୍କୁ ଦୁହେଁ
ସତ କହିବୁଟି
ତୁ ଆଉ ମୁଁ
କେହି କି କାହର ନୁହେଁ ?

ସେଦିନର ସେଇ
ଛାଇଲୁଚା କଥା
ଯେବେ ମନେ ପଡି ଯାଏ
ହସମାଡେ ସିନା
କିଏ ସେ ଯେମିତି
କଳିଜାକୁ ମୋର
ଝୁଣିଝୁଣି ଖାଉଥାଏ ।

ଜହ୍ନ ମଉଳା
ନିରୋଳା ରାତିରେ
ଏକା ଏକା ବସି
ଅନ୍ଧାରକୁ ଯେବେ ଦେଖେଁ
ତୋ' ଛାଇ ଆସି
ମୋ ଛାତି ଉପରେ
ମୁହଁ ଗୁଞ୍ଜିଦେଇ
ନିଃଶ୍ୱାସ ମୋର ମାଖେ ।

ଶୂନ୍ୟନୀଡ଼, ସୋର, ବାଲେଶ୍ୱର
ମୋ:୮୨୬୦୬୯୭୮୭୮






# ପ୍ରିୟଙ୍କା କାହିଁକି ବାଥରୁମରେ ଲୁଚି ଖାଦ୍ୟ ଖାଉଥିଲେ, ଦେଲେ ଉତ୍ତର...



ବଲିଉଡର ଦେଶୀ ଗାର୍ଲରୁ ବିଶ୍ୱସ୍ତରୀୟ ଆଇକନ୍ ହୋଇଥିବା ପ୍ରିୟଙ୍କା ଚୋପ୍ରାଙ୍କୁ ଜୁଲାଇ ୧୮ ରେ ୪୨ ବର୍ଷ ପୂରଣ ହୋଇଛି। ସେ ୧୮ ଜୁଲାଇ ୧୯୮୨ରେ ଜନ୍ମ ହୋଇଥିଲେ। ପ୍ରିୟଙ୍କା ଚୋପ୍ରାଙ୍କ କ୍ୟାରିୟର ଯାତ୍ରା ଆଦୌ ସହଜ ନ ଥିଲା। ପିଲାଦିନେ ସେ ବେଳେବେଳେ ନିଜର ଶ୍ୟାମର ରଙ୍ଗ ବିଷୟ ନେଇ ଭିନ୍ନ ଭିନ୍ନ କଥା ଶୁଣିଥିଲେ। ବେଳେବେଳେ ଲୋକଙ୍କ ମନ୍ତବ୍ୟକୁ ଏଡାଇବା ପାଇଁ ସେ ବାଥ୍ରୁମରେ ଲୁଚି ଖାଦ୍ୟ ଖାଉଥିଲେ। ପ୍ରିୟଙ୍କା ସେହି ସମସ୍ତ ଲୋକଙ୍କୁ ଏକ କଡ଼ା ଜବାବ ଦେଇଥିଲେ ଯେଉଁମାନେ କହିଥିଲେ ଯେ ସେ ଏକ ଛୋଟ ସହରରୁ ଥିବାରୁ ସେ ଜୀବନରେ କିଛି ବଡ଼ କରି ପାରିବେ ନାହିଁ । ପ୍ରିୟଙ୍କା ଚୋପ୍ରା ୧୮ ବର୍ଷ ବୟସରେ ୯୦ ଟି ଦେଶରୁ ପ୍ରତିଯୋଗୀଙ୍କୁ ପଛରେ ମିସ୍ ୱାର୍ଲ୍ଡ ଟାଇଟଲ୍ ଜିତିଥିଲେ। ସେ ମହିଳା ସଶକ୍ତିକରଣ ମିଶନରେ ରହିଆସିଛନ୍ତି। ପ୍ରିୟଙ୍କା ସମୟ ସମୟରେ ମହିଳାଙ୍କ ଅଧିକାର ପାଇଁ ସ୍ୱର ଉତ୍ତୋଳନ କରିଛନ୍ତି। ପ୍ରିୟଙ୍କା ଚୋପ୍ରା ଏକ ଇଭେଣ୍ଟରେ କହିଥିଲେ ଯେ ନାରୀବାଦ କ'ଣ, ଆମକୁ ଏହି ରିପୋର୍ଟରେ ଜାଣନ୍ତୁ। ୨୦୧୭ ରେ, କଥାବାର୍ତ୍ତା କରୁଥିବାବେଳେ ପ୍ରିୟଙ୍କା ଗର୍ବର ସହିତ ନିଜକୁ ଜଣେ ନାରୀବାଦୀ ବୋଲି କହିଥିଲେ। ସେ କହିଥିଲେ ଯେ ଏହି ଲେବଲ୍ ପ୍ରତ୍ୟାଖ୍ୟାନ କରୁଥିବା ଲୋକଙ୍କୁ ସେ ବୁଝନ୍ତି ନାହିଁ। ଏହି ସାକ୍ଷାତକାରରେ ପ୍ରିୟଙ୍କା କହିଥିଲେ ମୋର ଅନେକ ବନ୍ଧୁ ଅଛନ୍ତି ଯେଉଁମାନେ କୁହନ୍ତି ଯେ ମୁଁ ନାରୀବାଦୀ ନୁହେଁ। ମୁଁ ଏହା ଆଦୌ ବୁଝିପାରୁ ନାହିଁ। ନାରୀବାଦର ଆବଶ୍ୟକତା ଉଠିଥିଲା କାରଣ ମହିଳାମାନଙ୍କ ପାଇଁ କୌଣସି ଅଧିକାର ନ ଥିଲା। ତେଣୁ ଦୁନିଆରେ 'ମ୍ୟାନ୍-ଇଜ୍' ଭଳି କୌଣସି ଜିନିଷ ନାହିଁ, କାରଣ ନାରୀଙ୍କ ମଧ୍ୟରେ ସର୍ବଦା ଏହି ପ୍ରତିଭା ଥିଲା। ପ୍ରିୟଙ୍କା କହିଛନ୍ତି ଯେ ନାରୀବାଦ ପୁରୁଷ କିମ୍ୱା ମହିଳାଙ୍କୁ ସମାଲୋଚନା କରିବା କିମ୍ୱା ଘୃଣା କରିବା ନୁହେଁ ଅବା ସେମାନେ ପୁରୁଷଙ୍କ ଅପେକ୍ଷା ଭଲ ଅଟନ୍ତି ବୋଲି କହିବା ନୁହେଁ। ପ୍ରିୟଙ୍କା କହିଛନ୍ତି ନାରୀବାଦ ହେଉଛି ମହିଳାମାନେ ନିଷ୍ପତ୍ତି ନେବା, ସମାନ ସୁଯୋଗ ପାଇବା ପାଇଁ ସମାନ ଅଧିକାର ପାଇବା। ସେମାନେ ବିନା ବାଧାରେ ମୁକ୍ତ ଭାବରେ ନିଷ୍ପତ୍ତି ନେଇପାରିବା ହିଁ ନାରୀବାଦ। ସେ କହିଛନ୍ତି ନାରୀବାଦ ପୁରୁଷଙ୍କ ଆବଶ୍ୟକ କରେ। ତାଙ୍କ ମା, ଭଉଣୀ, ଗର୍ଲଫ୍ରେଣ୍ଡ, ପତ୍ନୀ, ଝିଅମାନଙ୍କ ପାଇଁ ତାଙ୍କୁ କହିବାକୁ ପଡିଥାଏ। ୱାର୍କ ଫ୍ରଣ୍ଟ ବିଷୟରେ କହିବାକୁ ଗଲେ ପ୍ରିୟଙ୍କା ବର୍ତ୍ତମାନ 'ଦ ବ୍ଲଫ୍'ରେ ନଜର ଆସିବେ। ଏହାର ସୁଟିଂ ଚାଲିଛି। ଏହି ଚଳଚ୍ଚିତ୍ରରେ ପ୍ରିୟଙ୍କା ଜଣେ ମହିଳା ଡକାୟତ ଭୂମିକାରେ ନଜର ଆସିବେ। ଏହା ବ୍ୟତୀତ ତାଙ୍କର ଆଗାମୀ ପ୍ରୋଜେକ୍ଟଗୁଡ଼ିକରେ ଓଟିଟି ପ୍ଲାଟଫର୍ମରେ ଜନ୍ ସିନା ଏବଂ ଇଦ୍ରିସ୍ ଏଲବାଙ୍କ ସହ 'ହେଡସ୍ ଅଫ୍ ଷ୍ଟେଟ୍' ରହିଛି। ଏହା ଏକ କ୍ରାଇମ କମେଡି ଯାହା ଜ୍ୟାକ୍ କ୍ୱେଡ୍ ମଧ୍ୟ ଅଭିନୟ କରିବେ। ବଲିଉଡରେ ମଧ୍ୟ ପ୍ରିୟଙ୍କା ଫିଲ୍ମ 'ଜି ଲେ ଜରା'ରେ ଅଭିନୟ କରିବାକୁ ଯାଉଛନ୍ତି। ଯେଉଁଥିରେ କ୍ୟାଟ୍ରିନା କୈଫ ଏବଂ ଆଲିଆ ଭଟ୍ଟ ମଧ୍ୟ ଅଭିନୟ କରିବେ। କିନ୍ତୁ ୨ ବର୍ଷ ପୂର୍ବେ ଏହି ଫିଲ୍ମର ଘୋଷଣା ପରେ ଏପର୍ଯ୍ୟନ୍ତ କୌଣସି ଅପଡେଟ୍ ହୋଇନାହିଁ।

# ଅଭିନେତ୍ରୀ ରଶ୍ମିକାଙ୍କ ଉପରେ ଭାଙ୍ଗିଲା ଦୁଃଖର ପାହାଡ



ସାଉଥ ଏବଂ ବଲିଉଡ ଫିଲ୍ମରେ ନିଜର ଅଭିନୟ ଏବଂ ସୌନ୍ଦର୍ଯ୍ୟ ସହିତ ଦର୍ଶକଙ୍କୁ ଦିୱାନା କରିଦେଇଥିବା ରଶ୍ମିକା ମନ୍ଦନାଙ୍କ ଉପରେ ଏବେ ଦୁଃଖର ପାହାଡ ଭାଙ୍ଗିପଡ଼ିଛି। ଅଭିନେତ୍ରୀ ନିଜ ଜୀବନର ଅତି ପ୍ରିୟ ବନ୍ଧୁକୁ ହରାଇଥିବା ସାମ୍ନାକୁ ଆସିଛି। ଜଣାପଡ଼ିଛି ଯେ, ତାଙ୍କର ଘନିଷ୍ଠ ବନ୍ଧୁ ଭାବେ ଜଣାଶୁଣା ମ୍ୟାକ୍ସିଙ୍କ ଦେହାନ୍ତ ହୋଇଛି। ସେ ଏ ଦୁନିଆରୁ ବିଦାୟ ନେଇଛନ୍ତି। ରଶ୍ମିକା ଇନଷ୍ଟାଗ୍ରାମରେ ଏକ ପୋଷ୍ଟ ମାଧ୍ୟମରେ ମ୍ୟାକ୍ସିଙ୍କୁ ହରାଇବାର ଯନ୍ତ୍ରଣା ପ୍ରକାଶ କରିଛନ୍ତି ଏବଂ ଲେଖିଛନ୍ତି ଯେ ସେ ମ୍ୟାକ୍ସିଙ୍କୁ ବହୁତ ମନେ ପକାଇବେ। ମ୍ୟାକ୍ସି, ରଶ୍ମିକାଙ୍କ ପୋଷା କୁକୁର ଥିଲା। ଏବେ ତା'ର ଦେହାନ୍ତ ପରେ ରଶ୍ମିକା, ମ୍ୟାକ୍ସିଙ୍କ ସହ ଫଟୋ ସେୟାର କରି ଲେଖିଛନ୍ତି ଯେ, ତୁମ ଆତ୍ମାକୁ ଶାନ୍ତି ମିଳୁ ମୋର ସବୁଠୁ ଭଲ ପୁଅ ମ୍ୟାକ୍ସି... ଆମେ ତୁମକୁ ମନେ ପକାଇବୁ ଏବଂ ମୁଁ ଆଶା କରୁଛି ଶୀଘ୍ର ଆମେ ପରସ୍ପରକୁ ଭେଟିବା। ତେବେ ରଶ୍ମିକା ମନ୍ଦନାଙ୍କୁ ଶେଷ ଥର ପାଇଁ ରଣବୀର କପୁରଙ୍କ ସହ ଫିଲ୍ମ 'ଆନିମଲ'ରେ ଦେଖିବାକୁ ମିଳିଥିଲା। ଆଗକୁ ସେ ଫିଲ୍ମ ପୁଷ୍ପା-୨ ଓ ଦି ଗର୍ଲଫ୍ରେଣ୍ଡରେ ନଜର ଆସିବେ।

# ଐଶ୍ୱର୍ଯ୍ୟା-ଜୟା ବଚ୍ଚନଙ୍କ ଦୂରତା ବଢ଼ିବାର କାରଣ ସାମ୍ନାକୁ ଆସିଲା: ଏହି ଅଭିନେତ୍ରୀ ଦାୟୀ ନେଇ ଚର୍ଚ୍ଚା



ଅନେକ ବର୍ଷ ଧରି ଐଶ୍ୱର୍ଯ୍ୟା ରାୟ ବଚ୍ଛନଙ୍କ ବ୍ୟକ୍ତିଗତ ଜୀବନ ଉପରେ ପ୍ରଶ୍ନ ଉଠିଛି । ତାଙ୍କ ଶାଶୁଙ୍କ ସହ ତାଙ୍କର ସମ୍ପର୍କ ଭଲରେ ଚାଲିନାହିଁ। ବେଳେବେଳେ ଐଶ୍ୱର୍ଯ୍ୟା ଏବଂ ଅଭିଷେକଙ୍କ ମଧ୍ୟରେ ଛାଡପତ୍ର ହେବାର ଗୁଜବ ପ୍ରଚାର ହେଉଛି। ବେଳେବେଳେ କୁହାଯାଉଛି ଯେ ଅଭିନେତ୍ରୀ ଏବଂ ତାଙ୍କ ଶାଶୁଙ୍କ ସହ ସୁସମ୍ପର୍କ ନାହିଁ। ଏଥି ସହିତ, ଯେତେବେଳେ ଅମ୍ବାନୀଙ୍କ ଉତ୍ସବରେ ଐଶ୍ୱର୍ଯ୍ୟା ବଚ୍ଛନ ପରିବାର ସହିତ ଦେଖା ଯାଇ ନ ଥିଲେ, ଏହା ଗୁଜବକୁ ଅଧିକ ଇନ୍ଧନ ଯୋଗାଇଥିଲା। ଅମ୍ବାନୀ ପରିବାରର ବିବାହ କାର୍ଯ୍ୟକ୍ରମରେ ଐଶ୍ୱର୍ଯ୍ୟା ତାଙ୍କ ଝିଅ ସହିତ ସମସ୍ତ କାର୍ଯ୍ୟରେ ନଜର ଆସିଥିବାବେଳେ ବାକି ବଚ୍ଛନ ପରିବାର ଏକାଠି ନଜର ଆସିଥିଲେ ଏବଂ ଶ୍ୱେତା ବଚ୍ଛନ ମଧ୍ୟ ସେମାନଙ୍କ ସହ ପୋଜ୍ ଦେଇଥିଲେ। ଐଶ୍ୱର୍ଯ୍ୟା ରାୟ ବଚ୍ଛନଙ୍କ ନଣନ୍ଦ ଶ୍ୱେତା ବଚ୍ଛନଙ୍କ ଯୋଗୁ ଶାଶୁ ଏବଂ ବୋହୂଙ୍କ ମଧ୍ୟରେ ସମ୍ପର୍କ ଭଲ ରହୁ ନ ଥିବା ନେଇ ଚର୍ଚ୍ଚା ହେଉଛି। କିନ୍ତୁ ବର୍ତ୍ତମାନ ସୋସିଆଲ ମିଡିଆ ୟୁଜରମାନେ ଦାବି କରିଛନ୍ତି ଯେ ଐଶ୍ୱର୍ଯ୍ୟା ଏବଂ ଜୟା ବଚ୍ଛନଙ୍କ ମଧ୍ୟରେ ଦୂରତା ପାଇଁ ଅନ୍ୟ କିଛି କାରଣ ଅଛି। ଜଣେ ବଲିଉଡ ଅଭିନେତ୍ରୀଙ୍କ ନିକଟତର ହେବା ଯୋଗୁ ଐଶ୍ୱର୍ଯ୍ୟା ଏବଂ ତାଙ୍କ ପରିବାର ମଧ୍ୟରେ ମତଭେଦ ଦେଖାଦେଇଛି। ଏହି ଅଭିନେତ୍ରୀ ଐଶ୍ୱର୍ଯ୍ୟାଙ୍କ ଅତି ଘନିଷ୍ଠ ବନ୍ଧୁ ଅର୍ଥାତ୍ ରେଖା ବୋଲି କୁହାଯାଉଛି। ରେଖାଙ୍କ ସହିତ ବଚ୍ଛନ ପରିବାରର ଖରାପ ସମ୍ପର୍କ ଥାଇ ମଧ୍ୟ ସେ ଐଶ୍ୱର୍ଯ୍ୟାଙ୍କୁ ଦେଖିବା ମାତ୍ରେ ଆଲିଙ୍ଗନ କରିଥାନ୍ତି। ବେଳେବେଳେ ରେଖା ଐଶ୍ୱର୍ଯ୍ୟାଙ୍କୁ ସ୍ନେହରେ ଚୁମ୍ବନ ଦେଇଥାନ୍ତି ଏବଂ ଆଶୀର୍ବାଦ କରଥାନ୍ତି। ଆହୁରି ମଧ୍ୟ, ରେଖା ଐଶ୍ୱର୍ଯ୍ୟାଙ୍କ ଝିଅ ଆରାଧ୍ୟାଙ୍କୁ ବେଶ୍ ଭଲ ପାଆନ୍ତି। ଅମ୍ବାନୀ ପରିବାରର ବିବାହ ଉତ୍ସବରେ ମଧ୍ୟ ରେଖା ଐଶ୍ୱର୍ଯ୍ୟାଙ୍କ ସହ କଥାବାର୍ତ୍ତା ହୋଇ ତାଙ୍କୁ ସ୍ନେହରେ ଚୁମ୍ବନ ଦେଉଥିବାର ନଜର ଆସିଥିଲେ। ବର୍ତ୍ତମାନ ଏହି ଭିଡିଓ ଭାଇରାଲ ହେବା ମାତ୍ରେ ରେଖାଙ୍କ ବିରୋଧରେ ସମସ୍ତ ଅଭିଯୋଗ ହେବାରେ ଲାଗିଛି।

ରେଖା ଏବଂ ଅମିତାଭ ବଚ୍ଛନଙ୍କ ଅତୀତ ଯୋଗୁ ଆଜି ପର୍ଯ୍ୟନ୍ତ ବଚ୍ଛନ ପରିବାର ଏବଂ ତାଙ୍କ ମଧ୍ୟରେ ଫାଟ ଅଛି। ତାଙ୍କ ସହ ଜୟା ଏବଂ ଅମିତାଭଙ୍କୁ ଅଧିକ ଦେଖାଯାଏ ନାହିଁ କିନ୍ତୁ ଐଶ୍ୱର୍ଯ୍ୟାଙ୍କ ସହ ରେଖାଙ୍କର ଭଲ ସମ୍ପର୍କ ଅଛି। ବର୍ତ୍ତମାନ ସୋସିଆଲ ମିଡ଼ିଆରେ ୟୁଜର ମନ୍ତବ୍ୟ ଦେଉଛନ୍ତି, ବଚ୍ଛନ ପରିବାର ଏକାଠି ପ୍ରବେଶ କରୁଛନ୍ତି ଏବଂ ଐଶ୍ୱର୍ଯ୍ୟା-ରେଖା ଏକାଠି ପ୍ରବେଶ କରୁଛନ୍ତି। ଶତ୍ରୁର ଶତ୍ରୁ ଜଣେ ମିତ୍ର। ତେଣୁ ଜଣେ କହିଛନ୍ତି, ଶାଶୁଙ୍କର ଶତ୍ରୁ ହେଉଛି ଐଶ୍ୱର୍ଯ୍ୟାଙ୍କର ମିତ୍ର।

# ଏତେ କୋଟିର ମାଲିକ ସାଉଥ ସିନେମାର ରାଜକୁମାର ମହେଶ ବାବୁ




ସାଉଥ ସିନେମାର ରାଜକୁମାର କୁହାଯାଉଥିବା ମହେଶ ବାବୁ ଇଣ୍ଡଷ୍ଟ୍ରିର ସର୍ବାଧିକ ପାରିଶ୍ରମିକ ନେଉଥିବା ଅଭିନେତାମାନଙ୍କ ମଧ୍ୟରୁ ଜଣେ ଯାହାଙ୍କୁ ଆପଣ ଭଲ ଭାବେ ଜାଣିଥିବେ। ମାତ୍ର ୪ ବର୍ଷ ବୟସରେ 'ନିଡା' ଚଳଚ୍ଚିତ୍ରରୁ ସେ ତାଙ୍କ ଅଭିନୟ ଜୀବନ ଆରମ୍ଭ କରିଥିଲେ। ଖୁବ୍ କମ୍ ଲୋକ ଏହା ଜାଣନ୍ତି ଯେ ମହେଶ ବାବୁ ଅଭିନୟ ଜୀବନ ତାଙ୍କ ପିତା ଘଟ୍ଟମନେନି ଶିବା ରାମ କୃଷ୍ଣ ମୂର୍ତ୍ତିଙ୍କ ଫିଲ୍ମରୁ ଆରମ୍ଭ କରିଥିଲେ। ତେବେ ଶିଶୁ କଳାକାର ଭାବେ ଅଭିନୟ ଜୀବନ ଆରମ୍ଭ କରିଥିବା ମହେଶ ବାବୁ ଏବେ କେତେ କୋଟିର ମାଲିକ ଆପଣ ଜାଣନ୍ତି କି ? ଜାତୀୟ ଗଣମାଧ୍ୟମ ମୁତାବକ, ମହେଶ ବାବୁ ୩୦୦କୋଟିର ମାଲିକ। ଫିଲ୍ମ ସହ ବିଜ୍ଞାପନ ଓ ନିବେଶରୁ ମହେଶ ବାବୁ କୋଟି କୋଟି ଟଙ୍କା ଆୟ କରନ୍ତି। ପ୍ରଥମେ ଗୋଟାଏ ଫିଲ୍ମ ପାଇଁ ମହେଶ ୪୦କୋଟି ନେଉଥିବା ବେଳେ ଏବେ ତାଙ୍କ ପାରିଶ୍ରମିକ ୮୦କୋଟିରୁ ଅଧିକ ହୋଇଛି। ୩୦୦କୋଟିର ମାଲିକ ହୋଇସାରିଥିବା ମହେଶଙ୍କ ପାଖରେ ମର୍ସେଡିଜ୍, ବିଏମଡବ୍ଲୁ ଓ ଅଡି ଭଳି ବିଳାସପୂର୍ଣ୍ଣ ଗାଡ଼ି ରହିଛି। ଏହା ସହ ତାଙ୍କ ପାଖରେ କୋଟି କୋଟି ଟଙ୍କାର ଘର ମଧ୍ୟ ରହିଛି। ୨୦୨୨ରେ ବଲିଉଡକୁ ନେଇ ବିବାଦୀୟ ବୟାନ ଦେଇ ଚର୍ଚ୍ଚାକୁ ଆସିଥିଲେ ମହେଶ। ଅଦିବି ଶେଷଙ୍କ ଫିଲ୍ମ 'ମେଜର'ର ଟ୍ରେଲର ଲଞ୍ଚ ସମୟରେ ହିନ୍ଦୀ ଚଳଚ୍ଚିତ୍ରର ଅଫର ମିଳିଛି କି ବୋଲି ପ୍ରଶ୍ନ କରାଯିବା ପରେ ମହେଶ ବାବୁ କହିଥିଲେ ଯେ, "ମୋତେ ବଲିଉଡର ଅନେକ ଫିଲ୍ମ ଅଫର କରାଯାଇଛି। ହେଲେ ମୁଁ ସେସବୁ ଫିଲ୍ମ କରିବାକୁ ମନା କରିଦେଇଛି। କାରଣ ମୋତେ ଲାଗୁନାହିଁ ସେମାନେ ମୋତେ ପାରିଶ୍ରମିକ ଦେଇପାରିବ। ମୁଁ ଏମିତି ଏକ ଇଣ୍ଡଷ୍ଟ୍ରିରେ କାମ କରିବାକୁ ଚାହେଁ ନାହିଁ ଯିଏ ମୋତେ ପାରିଶ୍ରମିକ ଦେଇପାରିବ ନାହିଁ। ମୋତେ ଏଠାରେ ମିଳିଥିବା ଷ୍ଟାରଡମ୍ ଏବଂ ପ୍ରତିଷ୍ଠା ମୋ ପାଇଁ ବହୁତ ବଡ। ସେଥିପାଇଁ ମୁଁ ମୋର ଇଣ୍ଡଷ୍ଟ୍ରି ଛାଡି ଅନ୍ୟ କୌଣସି ଇଣ୍ଡଷ୍ଟ୍ରିର ଅଂଶ ହେବାକୁ ଚିନ୍ତା କରି ନାହିଁ। ମୁଁ ସବୁବେଳେ ଚଳଚ୍ଚିତ୍ର କରିବା ଏବଂ ବଡ ହେବା ବିଷୟରେ ଚିନ୍ତା କରେ। ମୋର ସ୍ୱପ୍ନ ବର୍ତ୍ତମାନ ସାକାର ହେଉଛି ଏବଂ ଏହାଠାରୁ ମୁଁ ଅଧିକ ଖୁସି ହୋଇପାରିବି ନାହିଁ।"




ଟେଲିଭିଜନର ଲୋକପ୍ରିୟ ଅଭିନେତ୍ରୀ ହିନା ଖାନ ଯେବେଠାରୁ ସ୍ତନ କର୍କଟରେ ପୀଡ଼ିତ ହେଲେଣି ସେବେଠାରୁ ସେ କଷ୍ଟରେ ଦିନ କାଟୁଛନ୍ତି। ହିନା ଖୁବ ସାହାସୀ ଯୁବତୀ ହୋଇଥିବାରୁ ଏତେ ସବୁପରେ ବି ସେ ଭାଙ୍ଗି ପଡ଼ି ନାହାନ୍ତି। ତୃତୀୟ ପର୍ଯ୍ୟାୟ ସ୍ତନ କର୍କଟ ସହିତ ସଂଘର୍ଷ କରୁଥିବା ହିନା ପ୍ରଥମ କିମୋଥେରାପି ପୂର୍ବରୁ କେଶ କାଟି ଦେଇଥିଲେ। ଯାହାର ଏକ ଭିଡିଓ ବି ସେ ସେୟାର କରିଥିଲେ। ଏଥିରେ ସେ ଦମ୍ଭ ଧରିଥିବା ବେଳେ ତାଙ୍କ ମା' ଭୋଭୋ ହୋଇ କାନ୍ଦୁଥିବା ଭିଡିଓରେ ଶୁଣିବାକୁ ମିଳିଥିଲା। କର୍କଟରେ ପୀଡ଼ିତ ଥାଇ ମଧ୍ୟ ହିନା ଖୁବ ସକ୍ରିୟ ଅଛନ୍ତି। ନିକଟରେ ସେ କାମକୁ ଫେରିଥିବା ସହିତ ନିଜ ସ୍ୱାସ୍ଥ୍ୟ ସମ୍ପର୍କରେ ସୂଚନା କ୍ରମାଗତ ଭାବେ ଅଭିନେତ୍ରୀ ତାଙ୍କ ଫ୍ୟାନ୍ସମାନଙ୍କୁ ଦେଇ ଆସୁଛନ୍ତି। ନିକଟରେ ହିନା ଏକ ପୋଷ୍ଟ ସେୟାର କରି ଲେଖିଛନ୍ତି, 'ସାଙ୍ଗମାନେ ମୁଁ ବହୁତ କଷ୍ଟ ସମୟ ଦେଇ ଗତି କରୁଛି। ପ୍ରତି ସେକେଣ୍ଡରେ ମୋତେ ଯନ୍ତ୍ରଣା ହେଉଛି ତଥାପି ଚେହେରାରୁ ହସ ଲିଭିବାକୁ ଦେଇନାହିଁ।' ହିନାଙ୍କ କର୍କଟର ଚିକିତ୍ସା କୋକିଲାବେନ ହସ୍ପିଟାଲରେ ଚାଲିଛି। ଏହି ହସ୍ପିଟାଲର ହାଉସକିପିଙ୍ଗ ବିଭାଗ ପକ୍ଷରୁ ହିନାଙ୍କୁ ଏକ ସୁନ୍ଦର ହୃଦୟସ୍ପର୍ଶୀ ନୋଟ ଉପହାରରେ ଦିଆଯାଇଛି। ଯାହାକୁ ହିନା ସମସ୍ତଙ୍କ ସହିତ ସେୟାର ବି କରିଛନ୍ତି। ଏହି ନୋଟରେ ଲେଖା ହୋଇଛି, 'ଆମେ ଜାଣିଛୁ ଆପଣଙ୍କ ପାଇଁ ଏହି ଅସ୍ତ୍ରୋପଚାର କଷ୍ଟଦାୟକ ରହିଛି। ଆମେ ଜାଣିଛୁ ଆପଣ ସୁସ୍ଥ ହେବା ଯାତ୍ରାରେ ଅଛନ୍ତି। ଖୁବଶୀଘ୍ର ସୁସ୍ଥ ବି ହୋଇଯିବେ।'

# ମଲାଇକା ଆରୋରାଙ୍କ ଜୀବନରେ ରହସ୍ୟମୟ ବ୍ୟକ୍ତିଙ୍କ ପ୍ରବେଶ, ଅର୍ଜୁନ କପୁରଙ୍କ ସହ ବ୍ରେକଅପ୍ ପରେ ଏବେ ନୂଆ ପ୍ରେମ !



ବଲିଉଡ ଅଭିନେତ୍ରୀ ମଲାଇକା ଆରୋରା ତାଙ୍କ ପ୍ରେମ ଜୀବନ ବିଷୟରେ ଅନେକ ସମୟରେ ଆଲୋଚନାରେ ରହିଥା'ନ୍ତି। କିଛି ଦିନ ହେଲା, ମଲାଇକା ଆରୋରା ଏବଂ ଅର୍ଜୁନ କପୁରଙ୍କ ବ୍ରେକଅପ୍ ଖବର ବଲିଉଡର କରିଡରରେ ଘୂରି ବୁଲୁଛି। ପାରସ୍ପରିକ ସମ୍ମତି ସହିତ ଉଭୟ ପରସ୍ପରଠାରୁ ଅଲଗା ହେବାକୁ ନିଷ୍ପତ୍ତି ନେଇଛନ୍ତି। ଯଦିଓ ଉଭୟ ଏପର୍ଯ୍ୟନ୍ତ ସେମାନଙ୍କ ବ୍ରେକଅପ୍ ବିଷୟରେ ଖୋଲାଖୋଲି ଭାବେ କହି ନାହାନ୍ତି। ସେମାନେ କ୍ରମାଗତ ଭାବରେ କ୍ରିପ୍ଟିକ୍ ପୋଷ୍ଟଗୁଡିକ ଅଂଶୀଦାର କରୁଛନ୍ତି । ଏହି ସମୟରେ ମଲାଇକା ପୁଣି ଥରେ ଆଲୋଚନାକୁ ଆସିଛନ୍ତି। ମଲାଇକା ପୁଣିଥରେ ତାଙ୍କ ପ୍ରେମ ଜୀବନକୁ ?ନେଇ ଚର୍ଚ୍ଚାରେ ଅଛନ୍ତି। ସ୍ପେନର ଜଣେ ରହସ୍ୟମୟ ବ୍ୟକ୍ତିଙ୍କ ସହ ମଲାଇକା ଆରୋରାଙ୍କ କିଛି ଫଟୋ ବର୍ତ୍ତମାନ ସୋସିଆଲ ମିଡିଆରେ ଆଲୋଡ଼ନ ସୃଷ୍ଟି କରୁଛି। ମଲାଇକା ବର୍ତ୍ତମାନ ସ୍ପେନରେ ଆରାମ କରୁଛନ୍ତି। ଏହି ସମୟରେ, ତାଙ୍କର ଫଟୋଗୁଡ଼ିକ ବର୍ତ୍ତମାନ ଖବର ଶିରୋନାମାରେ ରହିଛି। କାରଣ ସମସ୍ତଙ୍କ ଧ୍ୟାନ ମଲାଇକା ସହିତ ରହସ୍ୟମୟ ବ୍ୟକ୍ତିଙ୍କ ଉପରେ କେନ୍ଦ୍ରୀତ ହେଉଛି। ମଲାଇକା ନିଜେ ଏହି ଫଟୋଗୁଡ଼ିକୁ ସୋସିଆଲ ମିଡିଆରେ ସେୟାର କରିଛନ୍ତି। ମଲାଇକା ଆରୋରା ବର୍ତ୍ତମାନ ସ୍ପେନରେ ଛୁଟି ଉପଭୋଗ କରୁଛନ୍ତି । ସେ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ଇନଷ୍ଟାଗ୍ରାମରେ ଏକ ଫଟୋ ସେୟାର କରିଛନ୍ତି। ମଲାଇକା ଚାରୋଟି ଫଟୋର ଏକ କୋଲାଜ ପ୍ରସ୍ତୁତ କରିଛନ୍ତି ଏବଂ ଏହାକୁ ତାଙ୍କ ପ୍ରଶଂସକଙ୍କ ସହ ସେୟାର କରିଛନ୍ତି। ଏହି ଫଟୋରେ ଜଣେ ବ୍ୟକ୍ତି ତାଙ୍କ ହାତରେ ଏକ ଜୁସ୍ ଗ୍ଲାସ୍ ଧରିଥିବାର ନଜର ଆସିଛନ୍ତି। ଦ୍ୱିତୀୟ ଫଟୋରେ, ମଲାଇକା ଏକ ନିୟନ ରଙ୍ଗର ବିକିନି ପିନ୍ଧିଛନ୍ତି। ତୃତୀୟ ଫଟୋରେ ରହସ୍ୟମୟ ବ୍ୟକ୍ତି ଏକ ଧଳା ସାର୍ଟରେ ନଜର ଆସିଛନ୍ତି। ଏହି ବ୍ୟକ୍ତିଙ୍କର ଚେହେରା ସଠିକ୍ ଭାବରେ ଦୃଶ୍ୟମାନ ହେଉନାହିଁ କିନ୍ତୁ ଏହି ଫଟୋ ଇଣ୍ଟରନେଟରେ ଆସିବା ମାତ୍ରେ ଏହା କିଛି ସେକେଣ୍ଡ ମଧ୍ୟରେ ଭାଇରାଲ ହୋଇଥିଲା। ଏହି ବ୍ୟକ୍ତିଙ୍କ ସହ ମଲାଇକାଙ୍କୁ ଦେଖି ସମସ୍ତେ ଅନୁମାନ କରୁଛନ୍ତି ଯେ ମଲାଇକାଙ୍କର ନୂଆ ପ୍ରେମ କିଏ ? ବର୍ତ୍ତମାନ ଏହି ବ୍ୟକ୍ତି କିଏ ଏବଂ ସେ କଣ କରନ୍ତି ସେ ସମ୍ବନ୍ଧରେ କୌଣସି ସୂଚନା ନାହିଁ । ସମଗ୍ର ବଲିଉଡ ଅନନ୍ତ ଅମ୍ବାନୀ ଏବଂ ରାଧିକା ମର୍ଚ୍ଚାଣ୍ଟଙ୍କ ବିବାହ ଉତ୍ସବରେ ଯୋଗ ଦେଇଥିଲେ। ସେତେବେଳେ ମଲାଇକା ଆରୋରାଙ୍କୁ କେ ?ଣସି କାର୍ଯ୍ୟକ୍ରମରେ ଦେଖିବାକୁ ମିଳି ନ ଥିଲା। ଅର୍ଜୁନ ଏକୁଟିଆ ଏଠାକୁ ଆସିଥିଲେ ଏବଂ ସେ ମଧ୍ୟ ବହୁତ ନାଚିଥିଲେ । ବିବାହରେ ଅର୍ଜୁନଙ୍କୁ ଏକୁଟିଆ ଦେଖିବା ପରେ ସମସ୍ତେ ମଲାଇକାଙ୍କ ସହ ତାଙ୍କ ବ୍ରେକଅପ୍ ବିଷୟରେ କହୁଥିଲେ, କିନ୍ତୁ ବର୍ତ୍ତମାନ ମଲାଇକା ରହସ୍ୟମୟ ବ୍ୟକ୍ତିଙ୍କ ଫଟୋ ସୋସିଆଲ ମିଡିଆରେ ସେୟାର କରିବା ପରେ ଏବେ ବ୍ରେକଅପ୍ ଖବର ନିଶ୍ଚିତ ହେବ ବୋଲି ଚର୍ଚ୍ଚା ହେଉଛି।

# କନିଷ୍ଠ ଯନ୍ତ୍ରୀଙ୍କ ନାମରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଦେଲା ଏତଲା



ମାଲକାନଗିରି, ୧୮/୦୭ (ନି.ପ୍ର): ରାଜ୍ୟରେ ସରକାର ବଦଳିଲେ। ବିଜେପି ସରକାର ଆସିବା ପରେ ପ୍ରଥମ କରି ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି କରିଥିଲେ। ଏହି ଅଭିଯୋଗ ଶୁଣାଣିରେ ମାଲକାନଗିରି ଆଇଟିଡିଏର କନିଷ୍ଠ ଯନ୍ତ୍ରୀ ଲକ୍ଷ୍ମୀଧର ବିହାରୀ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଫେରାଦ ହୋଇ ସେ ମାଲକାନଗିରିରେ କାମ କରିଥିବା ବକୟା ଟଂକା ଫେରସ୍ତ ପାଇପାରୁନଥିବା ଅଭିଯୋଗ କରିଥିଲେ।ଏହାକୁ ନେଇ ମୁଖ୍ୟମନ୍ତ୍ରୀ ତୁରନ୍ତ ସଂପୃକ୍ତ ବିଭାଗ ଏବଂ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ସୂଚନାଯୋଗ୍ୟ ଯେ ଶ୍ରୀ ବିହାରୀ ଗତ ୨୦୧୮ ମସିହାରେ ମାଲକାନଗିରି ଆଇଟିଡିଏରେ କନିଷ୍ଠ ଯନ୍ତ୍ରୀ ଭାବେ ଦାୟିତ୍ୱ ନେଲେ। ସେ ଗତ ମାର୍ଚ୍ଚ ୨୦୨୪ ପର୍ଯ୍ୟନ୍ତ ମାଲକାନଗିରିରେ କାମ କଲେ।ପରେ ସେ ବଦଳି ହୋଇ ପଞ୍ଚାୟତରାଜ ବିଭାଗକୁ ଗଲେ। ବଦଳି ପରେ ସେ ଯେଉଁ ସବୁ କାମ ହାତକୁ ନେଇଥିଲେ। ସେସବୁର କେସ ରେକର୍ଡ, ଏମବି ବହି ନିଜ ପାଖରେ ରଖିଥିଲେ।ସେ ତାଂକ ନିକଟରେ ମୋଟ ୩୯୮ଟି କେସ ରେକର୍ଡ ରଖିଥିଲେ। ତେବେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ତଦନ୍ତ ଆରମ୍ଭ ହୋଇଥିଲା। ଜିଲ୍ଲାପାଳ ଏକ କମିଟି ଗଠନ କରି ଶ୍ରୀ ବିହାରୀଙ୍କ କାମଗୁଡିକ ବାବଦକୁ କେତେ ଟଂକା ପାଇବେ ସେନେଇ ତୁରନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ନିଜର କାର୍ଯ୍ୟକାଳ ଭିତରେ ସେ ନିଜ ପାଖରେ ରଖିଥିବା ୩୯୮ କେସ ରେକର୍ଡରୁ ୨୩୩ ଗୋଟି କେସ ରେକର୍ଡ ଫେରସ୍ତ କରିଥିଲେ। ଆଉ ବଳକା ୧୬୫ଟି ନିଜ ପାଖରେ ରଖିଛନ୍ତି। ସେ ଦେଇଥିବା କେସ ରେକର୍ଡଗୁଡିକର କିଛି କାମ ଠିକ ଥିବା ବେଳେ ବାକି କାମ ଫେକ ଅଟେ।ସେହିପରି ୪୩ଟି ଏମବି ବହି ସେ ନେଇଥିବା ବେଳେ ମାତ୍ର ୮ଟି ଏମବି ବହି କାର୍ଯ୍ୟାଳୟକୁ ଫେରସ୍ତ କରିଛନ୍ତି। ସେ ବଦଳି ହେବା ପରେ ସମସ୍ତ କାଗଜପତ୍ରଗୁଡିକ କାର୍ଯ୍ୟାଳୟକୁ ହସ୍ତାନ୍ତର ନକରି ନିଜ ପାଖରେ ବେଆଇନ ଭାବେ ରଖିଥିଲେ। ତେଣୁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଜୟଶ୍ରୀ କନିଷ୍ଠ ଯନ୍ତ୍ରୀ ଶ୍ରୀ ବିହାରୀ ନାମରେ ମାଲାକନଗିରି ଥାନାରେ ଏତଲା ଦେଇଛନ୍ତି। ତଦନ୍ତ କରୁଥିବା ୩ ଜଣିଆ କମିଟି କେସ ରେକର୍ଡକୁ ଆଧାର କରି କ୍ଷେତ୍ର ପରିଦର୍ଶନ କରି ତଦନ୍ତ କରିବା ପରେ ଜାଣିପାରିଲେ ଯେ କିଛି ମାତ୍ରାରେ କାମ ଠିକ ଥିବା ବେଳେ ବାକି କାମ ସଂପୂର୍ଣ୍ଣ ମିଥ୍ୟା ଅଟେ। ଶ୍ରୀ ବିହାରୀ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ମୋର ଦୁଇ କୋଟି ଟଂକା ପାଇବା ନେଇ ଅଭିଯୋଗ କରିଥିଲେ।ତେବେ ସେ ଯେଉଁସବୁ କାମ ଏଠାରେ କରିଛନ୍ତି ସେସବୁ କାମଗୁଡିକର ଚିହ୍ନବର୍ଣ୍ଣ ନାହିଁ ବୋଲି ପ୍ରକଳ୍ପ ପ୍ରଶାସକ ଜୟଶ୍ରୀ ପ୍ରକାଶ କରିଛନ୍ତି। ସମସ୍ତ ତଦନ୍ତ ରିପୋର୍ଟକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସମେତ ଅନୁସୂଚିତ ଜାତି ଓ ଜନଜାତି ବିଭାଗକୁ ମଧ ପ୍ରେରଣ କରାଯାଇଥିବା ସେ କହିଛନ୍ତି। ମାଲକାନଗିରି ଭଳି ଉପାନ୍ତ ଅଂଚଳକୁ ରାଜ୍ୟ ସରକାର ବିଶେଷ ଗୁରୁତ୍ୱ ଦେଉଥିବା ବେଳେ ଏ ଅଂଚଳର ଆଦିବାସୀ ଛାତ୍ରଛାତ୍ରୀଙ୍କ ପାଇଁ ନିର୍ମାଣ ହେଉଥିବା ମୋଡେଲ ସ୍କୁଲ, ଶିକ୍ଷା କ୍ଷେତ୍ରରେ ଉନ୍ନତମାନ ଏବଂ ଅନ୍ୟ ଉନ୍ନୟନ କାମକୁ କିପରି ଫେକ କାମ କରାଯାଇ ଟଂକା ଚଳୁ କରାଯାଉଛି। ଏହା ହେଉଛି ତାହାର ଜ୍ୱଳନ୍ତ ଉଦାହରଣ।କନିଷ୍ଠ ଯନ୍ତ୍ରୀ ଶ୍ରୀ ବିହାରୀ ଅଭିଯୋଗ କରିବାକୁ ଯାଇ ନିଜେ ଫସିଗଲେ।ତେବେ ମୁଖ୍ୟମନ୍ତ୍ରୀ ରିପୋର୍ଟ ପାଇବା ପରେ କି ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

# ଅନାବୃଷ୍ଟିରୁ ରକ୍ଷା ପାଇଁ ମାଆ ବ୍ରାହ୍ମଣୀ ଦେବୀଙ୍କ ଶରଣରେ ଅଞ୍ଚଳବାସୀ



ନୀଳଗିରି, ୧୮/୦୭ (ନି.ପ୍ର): ନୀଳଗିରି ବ୍ଲକ୍ ସିଆଡିମାଳ ପଞ୍ଚାୟତ ବାବନ୍ଧ ଗ୍ରାମର ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ଝରଣାକୂଳରେ ଅବସ୍ଥିତ ମାଆ ବ୍ରାହ୍ମଣୀ ଦେବୀଙ୍କ ପୂଜାର୍ଚ୍ଚନା ବାବନ୍ଧ ଗ୍ରାମବାସୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଅଛି। ଦିନ ପ୍ରାୟ ୧ଟା ସମୟରେ ମହିଳା ଭକ୍ତମାନେ ବାନ୍ଧ ଘାଟରୁ ପବିତ୍ର ଜଳ ଉତ୍ତୋଳନ କରି କଳସ ଶୋଭାଯାତ୍ରାରେ ଆସିଥିବା ବେଳେ ପୁରୁଷ ମାନେ ଭଜନ କୀର୍ତ୍ତନ କରି ମାଆଙ୍କ ପାଖକୁ ଯାଇଥିଲେ। ଗ୍ରାମବାସୀମାନେ ବହୁବର୍ଷ ଧରି ମାଆଙ୍କ ବାର୍ଷିକ ପୂଜାର୍ଚ୍ଚନା କରି ଆସୁଥିବାବେଳେ, ଚଳିତ ବର୍ଷ ସାମ୍ଭାବ୍ୟ ଅନାବୃଷ୍ଟିରୁ ରକ୍ଷା ପାଇବା ପାଇଁ, ମାଆଙ୍କ ଶରଣ ପଶି ସ୍ୱତନ୍ତ୍ର ଭାବେ ହୋମ କରାଯାଇଥିଲା। ବ୍ରାହ୍ମଣଙ୍କ ଦ୍ୱାରା ରାତି ୮ଟାରେ ଘଟପୂଜା ପରେ ରାତ୍ରି ୧୦ ଠାରୁ ଭୋର ୪ଟା ପର୍ଯ୍ୟନ୍ତ ପାରମ୍ପରିକ ରୀତିରେ ଦେହୁରୀ ପୂଜା କରିବେ ବୋଲି ଗ୍ରାମବାସୀ ଜଣାଇଛନ୍ତି। ଶହଶହ ସଂଖ୍ୟାରେ ଗ୍ରାମବାସୀ ତଥା ମାଆଙ୍କ ଭକ୍ତ ଠୁଳ ହୋଇ ସାରାରାତ୍ରୀ ଉଜାଗର ରହି ମାଆଙ୍କୁ ଆରାଧନା ଓ ଭଜନ କୀର୍ତ୍ତନ କରିଥିବା ସୂଚନା ରହିଛି। ପ୍ରାକୃତିକ ପରିବେଶରେ ଝରଣାର କୁଳୁକୁଳୁ ନାଦରେ ବହୁ ପର୍ଯ୍ୟଟକ ଆକର୍ଷିତ ହୋଇ ବୁଲିବାକୁ ଆସୁଥିବା ବେଳେ ମାଆଙ୍କର ଏହି ପୂଜାର୍ଚ୍ଚନାରେ ମଧ୍ୟ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ଉକ୍ତ ସ୍ଥାନଟି ମନଲୋଭା ପ୍ରାକୃତିକ ଓ ଆଧ୍ୟାତ୍ମିକ ସ୍ଥଳୀ ହୋଇଥିବାରୁ, ସରକାର ଓ ପ୍ରଶାସନ ଏଥିପ୍ରତି ଆନ୍ତରିକ ଧ୍ୟାନ ଦେବା ପାଇଁ, ବୈଦ୍ୟନାଥ ବେହେରା, ପତିତପାବନ ସିଂ, ସୁରେନ୍ଦ୍ର ବେହେରା, କୁଶ ବେହେରା, ଅଭିରାମ ବେହେରା, ବିରଞ୍ଚି ବେହେରା ପ୍ରମୁଖ ପ୍ରଶାସନ ର ଦୃଷ୍ଟି ଆକର୍ଷଣ କରିଛନ୍ତି।

# ଓଡିଆ ସାହିତ୍ୟ ଓ ଅସ୍ମିତାକୁ ପ୍ରଫେସର ନାରାୟଣ ପୃଷ୍ଟେଠଙ୍କ ଅବଦାନ ଆଲୋଚନାଚକ୍ର ଓ ପୁସ୍ତକ ଲୋକାର୍ପଣ ଅନୁଷ୍ଠିତ

ବଲାଙ୍ଗିର, ୧୮/୦୭ (ନି.ପ୍ର): ଅସ୍ମିତା ସ୍ୱାଭିମାନ ହେଲେ ଚଳିବ, ମାତ୍ର ଏହା ଅହଂକାର ହେଲେ ସାହିତ୍ୟ ତଳିତଳାନ୍ତ ହୋଇଯିବ । ନାରାୟଣ ପୃଷ୍ଟେଠ ଥିଲେ ଅର୍ଥନୀତିର ଛାତ୍ର, ଅଥଚ ସାହିତ୍ୟ ଓ ଇତିହାସକୁ ନେଇ ସମାଜରେ ସେ ଥିଲେ ପରିଚିତ । ସାହିତ୍ୟ ଅନୁଷ୍ଠାନ ଗଠନ ସହ ଶିକ୍ଷାନୁଷ୍ଠାନ ପାଇଁ ତାଙ୍କର ପ୍ରଗାଢ ନିଷ୍ଠା ହିଁ ତାଙ୍କର ପରିଚୟ । ପ୍ରଫେସର ନାରାୟଣ ପୃଷ୍ଟେଠଙ୍କ ଜୀବନ ଓ ସାହିତ୍ୟ ହେଉଛି ପ୍ରକୃତ ଅସ୍ମିତାର ପରିଚୟ ବୋଲି ମତ ପ୍ରକାଶ ପାଇଛି । ଓଡିଆ ସାହିତ୍ୟ ଓ ଅସ୍ମିତାକୁ ପ୍ରଫେସର ନାରାୟଣ ପୃଷ୍ଟେଠଙ୍କ ଅବଦାନ ଶୀର୍ଷକ ଆଲୋଚନାଚକ୍ର ଓ ପୁସ୍ତକ ଲୋକାର୍ପଣ କାର୍ଯ୍ୟକ୍ରମ ବଲାଙ୍ଗିର ସାମ୍ବାଦିକ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବରେ ଓଡିଶାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ପ୍ରଫେସର ମଧୁସୂଦନ ପତି, ଆଲୋଚକ ଭାବରେ ଡକ୍ଟର ଗୋପବନ୍ଧୁ ରଥ, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଯୋଗ ଦେଇଥିବା ବେଳେ ଆଇଆଇଏମ୍ ସମ୍ବଲପୁରର ପ୍ରଫେସର ଡକ୍ଟର ସୁଜିତ କୁମାର ପୃଷ୍ଟେଠ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ । ସ୍ମୃତିବିନ୍ଦୁ ଫାଉଣ୍ଡେସନ୍ ତରଫରୁ ଆୟୋଜିତ ଏହି ଆଲୋଚନାଚକ୍ରକୁ ସାମ୍ବାଦିକ ବୀରେନ୍ଦ୍ର କୁମାର ଝାଙ୍କର ସଂଯୋଜନା କରିଥିଲେ । ଏହି ଅବସରରେ ପ୍ରଫେସର ନାରାୟଣ ପୃଷ୍ଟେଠଙ୍କ ପୁସ୍ତକ 'ମୁଦ୍ରା ଓ ଅର୍ଥନୀତି'କୁ ଲୋକାର୍ପିତ କରିଥିଲେ ଅତିଥିମାନେ । ପ୍ରଫେସର ନାରାୟଣ ପୃଷ୍ଟେଠଙ୍କ ଛାତ୍ର ମନ୍ତ୍ରୀ ଡକ୍ଟର ମହାଲିଙ୍ଗଙ୍କ ଛାତ୍ରାବସ୍ଥାରେ ପ୍ରଫେସର ପୃଷ୍ଟେଠଙ୍କ ସହ ଏକ ବିରଳ ଫଟୋକୁ ଉପହାର ଦେଇଥିଲେ ଡକ୍ଟର ସୁଜିତ କୁମାର ପୃଷ୍ଟେଠ । ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ସନ୍ଦୀପ କୁମାର କୁଅଁର।

# ବିବାଦୀୟ ବଲେବଲେ ଢାବାକୁ ନେଇ ପଦାକୁ ଆସିଲେ ଲିଜ୍‌ଧାରୀ

ଧର୍ମଶାଳା, ୧୮/୦୭ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ନେଉଳପୁରସ୍ଥିତ ବଲେବଲେ ଢାବାକୁ ନେଇ ତୁମ୍ବିତୋଫାନ । ଘନଘନ ଗଣମାଧ୍ୟମରେ ହେଲା ପ୍ରଚାର । ବେଆଇନ ଭାବେ ଏଠାରେ ଢାବା ନିର୍ମାଣ ଓ ଚାଲିଥିବା ଅନୈତିକ ପ୍ରସଙ୍ଗକୁ ନେଇ ହେଲା ପ୍ରଚାର । ଧର୍ମଶାଳା ଭବନ ପରିସରରେ ଥିବା ବଲେବଲେ ଢାବାର ଲିଜ୍ ଧାରୀ ସର୍ବସମ୍ମୁଖକୁ ଆସିଛନ୍ତି । ଯାହାକି ଏବେ ଚର୍ଚ୍ଚା ଘେରକୁ ଆସିଛି । ଫୁଡ କୋର୍ଟ ତାଙ୍କ ହେପାଜତରେ ଥିବା ନେଇ ଲିଜ୍‌ଧାରୀ ଅକ୍ଷୟ ନାୟକ ନିଜ ଓକିଲଙ୍କ ସହ ଧର୍ମଶାଳା ବ୍ଲକ ପରିସରରେ ପଂହଚି ବିଡିଓ ଦେବେନ୍ଦ୍ର ପ୍ରସାଦ ବଳଙ୍କୁ ଭେଟି ତାଙ୍କ ହେପାଜତରେ ଥିବା ବୋଲି ଅବଗତ କରାଇଛନ୍ତି । ଲିଜଧାରୀ ଶ୍ରୀ ନାୟକ ବ୍ଲକ ପ୍ରଶାସନଠାରୁ ୨୦୨୧ ରେ ଧର୍ମଶାଳା ଭବନକୁ ୧୦ ବର୍ଷ ପାଇଁ ୪ଲକ୍ଷ ୧୦ ହଜାର ଟଙ୍କାରେ ଲିଜ ନେଇଥିଲେ । କରୋନା ଚାଲିଥିବା ରୁ ୨୦୨୨ ମାର୍ଚ୍ଚ ମାସରୁ ବିଧିବଦ୍ଧ ଭାବେ ଲିଜ କାର୍ଯ୍ୟକାରୀ ହୋଇଥିଲା । ଲିଜ ଆଧାରରେ ଲିଜ୍‌ଧାରୀ ୨ ବର୍ଷର ବାର୍ଷିକ ଦେୟ ପ୍ରଦାନ କରିଥିବା ତାଙ୍କ ଓକିଲ ଗୌରବ ମହାନ୍ତି କହିଥିଲେ । ଏହି ବିବାଦୀୟ ଢାବାର ମାଲିକାନା ଲିଜଧାରୀଙ୍କର ବୋଲି ତାଙ୍କ ଓକିଲ ଯୁକ୍ତି ବାଢିଛନ୍ତି । ଏଥିସହ ଲିଜ୍‌ଧାରୀଙ୍କୁ କାରଣ ଦର୍ଶାଅ ନୋଟିସ ନ ଦେଇ ସର୍ବସାଧାରଣରେ ଢାବା ଖାଲି କରିବାକୁ ନୋଟିସ ଜାରି କରିବା ଓ ପରବର୍ତ୍ତୀ ସମୟରେ ଏହାକୁ ସିଲ କରିବା ଆଇନ ଅସମ୍ମତ ବୋଲି ସେ କରିଛନ୍ତି । ଏନେଇ ଲିଜଧାରୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିବା ବେଳେ ମାମଲାର ବିଚାର ନ ସରିବା ପର୍ଯ୍ୟନ୍ତ ଲିଜଧାରୀଙ୍କ ନାମରେ ଧର୍ମଶାଳା ଭବନ ଓ ଫୁଡ କୋର୍ଟ ରହିବ ବୋଲି କୋର୍ଟ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାଇଛନ୍ତି । ମାମଲାର ବିଚାର ନ ସରିବା ଯାଏ ଢାବା ବନ୍ଦ ନ କରିବା କିମ୍ବା ନ ଭାଙ୍ଗିବା ପାଇଁ ବିଡିଓଙ୍କୁ ଲିଜଧାରୀଙ୍କ ଓକିଲ ଅପିଲ କରିଛନ୍ତି । ଅନ୍ୟପକ୍ଷେ ଲିଜ୍‌ଧାରୀ ଏବଂ ତାଙ୍କ ଓକିଲ ମତେ ଅନର୍ଭୁକ୍ତ କରି ସେ କୋର୍ଟରେ ମାମଲା ଦାୟର କରିଛନ୍ତି । ଏଘଟଣା ସମ୍ପର୍କରେ ମୋ ଉପରିସ୍ଥ ଅଧିକାରୀଙ୍କୁ ନ ଜଣାଇ ପ୍ରତିକ୍ରୀୟା ଦେଇ ହେବ ନାହିଁ ବୋଲି ବିଡିଓ କହିଛନ୍ତି । ସରକାରୀ ଅର୍ଥରେ ଫୁଡ୍ କୋର୍ଟ ନିର୍ମାଣ ହୋଇଛି । ଭଙ୍ଗାଯିବା ଘଟଣାକୁ ଖଣ୍ଡନ କରିଛନ୍ତି ବିଡିଓ । ପୂର୍ବରୁ ବାରମ୍ବାର ଏହି ଘଟଣାକୁ ନେଇ ବିଡିଓ ବିଭିନ୍ନ ସମୟରେ ଭିନ୍ନଭିନ୍ନ ମତଦେଇ ଘଟଣାକୁ ଆଗକୁ ବଢିବା ସହ ଘଟଣା ବିଦାୟ ହୋଇପଡିଥିଲା ।

# ଅବସରପ୍ରାପ୍ତ ଶ୍ରମିକମାନଙ୍କ ଜରୁରୀ ବୈଠକ

ଜୟପୁର, ୧୮/୦୭ (ନି.ପ୍ର): ସ୍ଥାନୀୟ ଯାଦବ ଭବନ ଠାରେ କାଗଜ କଳ ଅବସରପ୍ରାପ୍ତ ଶ୍ରମିକ ମାନଙ୍କ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ୟୁନିଟ୍ ହେଡ୍ ଏସ୍ ଏସ୍ ପାଲ୍ ଆବାହକ ପ୍ରମୋଦ କୁମାର ମହାନ୍ତିଙ୍କୁ ଆଲୋଚନା ପାଇଁ ଡାକିଥିଲେ କିନ୍ତୁ ତାହା ସମସ୍ୟା ସମାଧାନ ପାଇଁ ଉଦ୍ଦିଷ୍ଟ ନଥିଲା । ଶ୍ରମିକ ମାନଙ୍କ ବକେୟା ପାଉଣା, ପି ଏଫ୍ , ପେନସନ ଗ୍ରାଚ୍ୟୁଇଟି ଆଦି ସମସ୍ୟା ସମାଧାନ ପାଇଁ କୌଣସି ପଦକ୍ଷେପ ବିଷୟରେ ଆଲୋଚନା ହୋଇନଥିଲା । ଆଜି ବୈଠକରେ ଗୁରୁତ୍ୱ ପୂର୍ଣ୍ଣ ନିଷ୍ପତି ନିଆଗଲା ଯେ ଆସନ୍ତା କାଲି ତା ୧୮.୦୭.୨୦୨୪ ରେ ଉପଜିଲ୍ଲାପାଳଙ୍କ ଅଫିସ୍ କୁ ଯାଇ ସ୍ମାରକ ପତ୍ର ପ୍ରଦାନ କରାଯିବ, ଆସନ୍ତା ୨୨.୦୭.୨୦୨୪ ରେ କୋରାପୁଟ ଜିଲ୍ଲା ପାଳ ଙ୍କ ଅଫିସ୍ ଯାଇ ସ୍ମାରକ ପତ୍ର ଦିଆଯିବ ଏବଂ ଆସନ୍ତା ବିଧାନ ସଭା ଅଧିବେଶନ ସମୟରେ ମୁଖ୍ୟମନ୍ତ୍ରୀ,ଶ୍ରମ ଓ ଶିକ୍ଷ ମନ୍ତ୍ରୀଙ୍କୁ ଭେଟି ସମସ୍ୟା ସମାଧାନ ପାଇଁ ଗୁହାରି କରାଯିବ ।

# ଧାନ ପଞ୍ଜିକରଣ ପାଇଁ ଚାଷୀଙ୍କୁ ଫର୍ମ ବଂଟନ

କେନ୍ଦ୍ରାପଡ଼ା, ୧୮/୦୭ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବଗଡା କୃଷି ସମବାୟ ସମିତିରେ ଧାନ ପଞ୍ଜିକରଣ ପାଇଁ ଚାଷୀଙ୍କୁ ଫର୍ମ ବଂଟନ କରାଯାଇଛି । ସମିତିର ସଭାପତି ଇଂ. ଅକ୍ଷୟ କୁମାର ପାଣିଙ୍କ ତତ୍ତ୍ୱାବଧାନରେ ସଂପାଦକ କାଳନ୍ଦି ବିଶ୍ୱାଳ, ସହ ସଂପାଦକ ଦୟାନିଧି ଜେନା, ଉପ ସଭାପତି ପ୍ରଣଦା ପାଣି, ନିର୍ଦ୍ଦେଶକ ଖଗେଶ୍ୱର ସ୍ୱାଇଁ, ସୁଜିତ କୁମାର ବେହେରା, ତପନ କୁମାର ନାୟକ, ବିଜୟ କେତନ ଜେନା, ଧରଣୀଧର ପାତ୍ର, ପ୍ରତାପ ଜେନା, ପ୍ରଫୁଲ୍ଲ ରାଉତ, ମାନସ ପ୍ରଧାନ, ଜ୍ଞାନ ରଂଜନ ସାହୁ, ପ୍ରତାପ ନାୟକ ପ୍ରମୁଖ ଉପସ୍ଥିତ ରହି ସୋସାଇଟ୍ ଅଧିନସ୍ଥ ବଗଡା, କଳପଡା, ଶ୍ୟାମ ସୁନ୍ଦରପୁର ପଂଚାୟତ ସମେତ ପୌରାଂଚଳ ର ୪ଟି ୱାର୍ଡ ଅନ୍ତର୍ଗତ ୫ ହଜାର ରୁ ଉର୍ଦ୍ଧ୍ୱ ସଦସ୍ୟ ତଥା ଅନ୍ୟ ଚାଷୀମାନେ ଆଗାମୀ ଖରିଫ ଋତୁରେ ସର୍ବନିମ୍ନ ସହାୟତା ଦରର ରେ ଧାନ ବିକ୍ରୟ କରିବେ । ଏଥି ନିମନ୍ତେ ଚାଷୀ ମାନଙ୍କୁ ପଞ୍ଜିକରଣ ଫର୍ମ ପ୍ରଦାନ କରାଗଲା । ଜୁଲାଇ ୩୧ ତାରିଖ ଯାଏ ସୋସାଇଟ୍ କାର୍ଯ୍ୟାଳୟ ରୁ ଚାଷୀମାନେ ଫର୍ମ ସଂଗ୍ରହ କରି ଆନୁସାଙ୍ଗିକ କାଗଜପତ୍ର ପ୍ରଦାନ କରିବାକୁ ସମିତି ତରଫରୁ ଜଣାଇ ଦିଆଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ହେମନ୍ତ କୁମାର ଜେନା, ପ୍ରଫୁଲ୍ଲ ମହାନ୍ତି, ବାବାଜୀ ନାୟକ, ଉମାକାନ୍ତ ଜେନା, ମୀନକେତନ ଜେନା, ପ୍ରଭାତ କୁମାର ସ୍ୱାଇଁ, ସୁବୁଧି ସାହୁ ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ ।


**GOVERNMENT OF ODISHA**
**DEPARTMENT OF WATER RESOURCES**

**OFFICE OF THE SUPERINTENDING ENGINEER**
**JAGATSINGHPUR IRRIGATION DIVISION**

**TENDER CALL NOTICE**
INVITATION FOR BIDS (IFB)
**IDENTIFICATION NO-JID-03/2024-25**

The Superintending Engineer, Jagatsinghpur Irrigation Division on behalf of Governor of Odisha invites percentage Rate off-line Bid in sealed cover from eligible class of registered contractors for execution of civil works as detailed in the table mentioned below registered with state Government & contractors of equivalent grade / class registered with central Government / MES/ Railway to be eventually drawing agreement in P-1 contract froms of Govt. of Odisha.

| | | | |
|---|---|---|---|
| 1- | Name of work | | Detail can be seen in the DTCN of the respective works |
| 2- | Total No. of Works | : | 45 (forty five) Nos. |
| 3- | Estimated Cost put to Tender (Rs. In Lakhs | : | Varies from Rs.1.50 lakhs to Rs. 4.99 lakhs Details can be seen in the DTCN of the respective works |
| 4- | Cost of Bid Documents | : | Details can be seen in DTCN |
| | Bid Security of the estimated cost put to tender | : | Details can be seen in DTCN |
| 5- | Period of Completion | : | Details can be seen in DTCN |
| 6- | Other details as follows : | | |
| (i) | Tender Inviting Authority | : | Superintending Engineer, Jagatsinghpur Irrigation Division, Jagatsinghpur |
| (ii) | Availability of Tender Document for bidding | : | 20.07.2024 from 10.00A.M to 26.07.2024 up to 5.30 P.M |
| (iii) | Date of opening of Bid Document | : | On 29.07.2024 at 11.00 A.M in the office of the Superintending Engineer, Jagatsinghpur, Irrigation Division |
| (iv) | Decision to Conduct lottery | : | If required the transparent lottery shall be conducted on 08.08.2024 at 11.00 A.M onwards in the office of the Superintending Engineer, Jagatsinghpur Irrigation Division |

**Sd/-**
**Superintending Engineer**
**Jagatsinghpur Irrigation Division,**
**Jagatsinghpur**


# ଡେଙ୍ଗୁ ରୋଗୀଙ୍କ ପାଇଁ ନାହିଁ ପ୍ଲେଟଲେଟ ବ୍ୟବସ୍ଥା: ଚିକିତ୍ସା ପାଇଁ କୋରାପୁଟ, ଆନ୍ଧ୍ର ଭରସା




ମାଲକାନଗିରି, ୧୮/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ମ୍ୟାଲେରିଆଙ୍କ ସଂଖ୍ୟା ଦିନକୁ ଦିନ ବଢୁଥିବା ବେଳେ ବିଭାଗ କହୁଛି ଜିଲ୍ଲାରେ ଗତବର୍ଷ ତୁଳନାରେ କମିଛି। କିନ୍ତୁ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢୁଛି। ଡେଙ୍ଗୁ ରୋଗୀଙ୍କ ପାଇଁ ପ୍ଲେଟଲେଟ ମିଳୁନଥିବାରୁ ଉପଯୁକ୍ତ ଚିକିତ୍ସା କରାଯାଇପାରୁନଥିବା ସାଧାରଣରେ ଅଭିଯୋଗ ହେଉଛି। ଜିଲ୍ଲାରେ ସାତ ମହଲା ବିଶିଷ୍ଟ ଡାକ୍ତରଖାନା କରାଯାଇଛି ସତ କିନ୍ତୁ ଏହି ଡାକ୍ତରଖାନାରେ ସେଭଳି ଉପକରଣ ନଥିବାରୁ ରୋଗୀ ବାହାର ରାଜ୍ୟକୁ ଯିବାକୁ ବାଧ ହେଉଛନ୍ତି। ଜିଲ୍ଲାର ସାତୋଟି ବ୍ଲକରେ ଗତ ୬ ମାସ ମଧ୍ୟରେ ୭୭୮ ରୋଗୀଙ୍କର ରକ୍ତ ନମୁନା ପରୀକ୍ଷା କରାଯାଇଥିବା ପରେ ସେଥିରୁ ୧୯ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥଲେ।ସେହିପରି ଗତ ୬ ମାସ ମଧ୍ୟରେ ୧୫୯୫୫୧ ଜଣ ରୋଗୀଙ୍କର ରକ୍ତ ନମୁନା ପରୀକ୍ଷା କରିବା ପରେ ସେଥିରୁ ୧୮୯୦ ଜଣ ରୋଗୀ ମ୍ୟାଲେରିଆ ଆକ୍ରାନ୍ତ ବୋଲି ଜଣାପଡିଥିଲା। ଯଦି ଗତ ଦୁଇ ବର୍ଷର ରିପୋର୍ଟ ଦେଖିବା ତେବେ ୨୦୨୨ରେ ୪୮୧୬ ଜଣ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଥିବା ବେଳେ ୨୦୨୩ରେ ୩୮୮୮ ଜଣ ରୋଗୀ ଚିହ୍ନଟ ହୋଇଥିଲେ। ଏବେ ବର୍ଷା ଋତୁ ଆସିଥିବା ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ମଧ ବଢିବ ବୋଲି କୁହାଯାଇଛି। ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରେ ଡେଙ୍ଗୁ ରୋଗୀଙ୍କ ପାଇଁ ଉପଯୁକ୍ତ ଚିକିତ୍ସାର କୌଣସି ବ୍ୟବସ୍ଥା ନଥିବାରୁ ରୋଗୀ ବହୁ ହଇରାଣ ହେଉଥିବା ଦେଖିବାକୁ ମିଳିଛି।ଆଜି ପର୍ଯ୍ୟନ୍ତ ଡେଙ୍ଗୁ ରୋଗୀଙ୍କ ପାଇଁ ଚିକିତ୍ସା ଉପକରଣର ବ୍ୟବସ୍ଥା କରାଯାଇ ପାରିଲା ନାହିଁ।ବାରମ୍ବାର ଏନେଇ ବିଭିନ୍ନ ସଂଗଠନ,ରାଜନୈତିକ ଦଳମାନେ ଦାବି କରିଆସୁଥିଲେ ମଧ ତତ୍କାଳୀନ ସରକାର ଏନେଇ କୌଣସି ପଦକ୍ଷେପ ନେଇନଥିଲେ। ରାଜ୍ୟର ୩୦ ନମ୍ବର ଜିଲ୍ଲା ବୋଲି ବାୟୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଉଥିଲେ। ଡେଙ୍ଗୁ ରୋଗୀ ଚିହ୍ନଟ ହେବା ପରେ ତୁରନ୍ତ ସେମାନଙ୍କୁ କୋରାପୁଟ ନଚେତ ପଡୋଶୀ ଆନ୍ଧ୍ର, ତେଲେଙ୍ଗାନାକୁ ଯିବାକୁ ଡାକ୍ତର ପରାମର୍ଶ ଦେଉଛନ୍ତି। ଅନ୍ୟଦିଗରେ କୋରାପୁଟ ମେଡିକାଲରେ ମଧ ପ୍ଲେଟଲେଟ ସହଜରେ ମିଳୁନାହିଁ। ତେଣୁ ଗରିବ ଶ୍ରେଣୀର ରୋଗୀ ବହୁ ହଇରାଣ ହେଉଛନ୍ତି। ଜିଲ୍ଲାରେ ଏଡିସ ମଶାଙ୍କ ସଂଖ୍ୟା ମଧ ଅଧିକ। ଯଦ୍ୱାରା ଡେଙ୍ଗୁ ଚିହ୍ନଟ ହେଉଛନ୍ତି।ସାଧାରଣ ଲୋକଙ୍କ ଦେହରେ ୨୦ ହଜାର ପ୍ଲେଟଲେଟ ରହିବା ଆବଶ୍ୟକ। ଏଥିରୁ କମିଲେ ରୋଗୀଙ୍କ ଅବସ୍ଥା ସାଂଘାତିକ ହୋଇଯାଏ। ଏପରିକି ମୃତ୍ୟୁବରଣ ମଧ କରିଥାନ୍ତି। ରକ୍ତରୁ ପ୍ଲେଟଲେଟ ବାହାରୁଥିବା ଯନ୍ତ୍ରାଂଶ ଥିଲେ ଡେଙ୍ଗୁ ଏବଂ ଥାଲସେମିଆ ରୋଗୀ ଭଲ ହୋଇପାରନ୍ତେ ବୋଲି କୁହାଯାଇଛି। ନୂତନ ସରକାର ଆସିବା ପରେ ପୁଣି ମେଡିକାଲର ଭାଗ୍ୟ ବଦଳିବ ବୋଲି ଆଶା ପ୍ରକଟ କରାଯାଇଛି।

# ବାଥୁଡ଼ି ସମାଜ ପକ୍ଷରୁ ବନମହୋତ୍ସବ ପାଳିତ

ଉଦଳା , ୧୮/୭ (ନି.ପ୍ର): ସ୍ଥାନୀୟ ବାଥୁଡ଼ି ଭବନ ପରିସରରେ ଚଳିତ ଜୁଲାଇ ୧୪ ତାରିଖ ରବିବାର ଦିନ ବାଥୁଡ଼ି ସମାଜ ପକ୍ଷରୁ ବନମହୋତ୍ସବ ପର୍ବ ପାଳିତ ହୋଇ ଯାଇଛି । ଏହି ଅବସରରେ ଆଲୋଚନାଚକ୍ର ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବାଥୁଡ଼ି ସମାଜର ସଭାପତି ବିରେନ୍ଦ୍ରନାଥ ମଢ଼େଇ ଏଥିରେ ଅଧକ୍ଷତା କରି ବର୍ଷତମାମ ଚାଲିଥିବା କାର୍ଯ୍ୟକ୍ରମ ଯଥା- ରକ୍ତଦାନ ଶିବିର, ବୃକ୍ଷରୋପଣ ସହିତ ବାଥୁଡ଼ି ସମାଜର ବିଭିନ୍ନ ପର୍ବ ପର୍ବାଣି ପାଳନ ସମୟରେ ସମସ୍ତେ କିପରି ଏକତା ସୂତ୍ରରେ ସ୍ୱତଃ ବାନ୍ଧି ହୋଇ ଯାଉଛନ୍ତି ବକ୍ତବ୍ୟ ମାଧ୍ୟମରେ ପ୍ରକାଶ କରିଥିଲେ । ଏହାପରେ ଓଡ଼ିଶା ସରକାରଙ୍କର ଜଙ୍ଗଲ ବିଭାଗର କର୍ମଚାରୀ ଜଗଦିଶ ଦାଶ ଓ ଅଙ୍କୁର ମହାଳିକ, ଜଙ୍ଗଲ କଟି ଯାଇଥିବା ଜମିରେ ପୁଣି ଥରେ ବୃକ୍ଷରୋପଣ କରି ନୂତନ ଜଙ୍ଗଲ ସୃଷ୍ଟି କରି ପାରିଲେ ଉକ୍ତ ମହୋତ୍ସବ ପାଳନର ପ୍ରକୃତ ଉଦେଶ୍ୟ ପୁରଣ ହୋଇ ପାରିବ ବୋଲି ଜଣାଇଥିଲେ। ଖଲାଡ଼ି ସରପଂଚ ସସ୍ମିତା ବିଶ୍ୱାଳ, ପୁର୍ବତନ ସରପଂଚ ସୁଲୁମଣି ମଢ଼େଇ, ସମିତି ସଦସ୍ୟା ସବିତା ବେହେରା, ତହସିଲଦାର ପରମାନନ୍ଦ ଖଣ୍ଡେଇ, କାଇ ଚଟଣି ଗବେଷକ ଇଂ. ନୟାଧର ପଢ଼ିଆଳ ଓ ଉପଦେଷ୍ଟା ରାଧାକୃଷ୍ଣ ରାଉତ ପ୍ରମୁଖ ଯୋଗଦେଇ ଜଙ୍ଗଲ ପରିବେଷର ଆବଶ୍ୟକତା ଆଜି କିପରି ଜରୁରି ହୋଇ ପଡ଼ିଛି ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ ।




# ସ୍କୁଲ ଖୋଲିବା ଦାବିରେ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଧାରଣା



ଖଇରା, ୧୮/୭ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ମାଖନପୁର ଗ୍ରାମ ପଞ୍ଚାୟତ ଅଧୀନ ଭାଟପଡା ୟୁପି ସ୍କୁଲରେ ଶିକ୍ଷକ ନଥିବାରୁ ବିଦ୍ୟାଳୟରେ ଅଚଳାବସ୍ଥା ଦେଖାଦେଇଛି । ଗୋଟିଏ ପଟେ ଅନୁଦାନପ୍ରାପ୍ତ ଏହି ସ୍କୁଲରେ ଶେଷ ଶିକ୍ଷକଙ୍କ ଅବବସର ପରେ ସରକାରୀ ନିୟମ ଅନୁଯାୟୀ ବନ୍ଦ ପାଇଁ ଚିଠି କରାଯାଇଥିବା ବେଳେ ଅନ୍ୟ ପଟେ ଅପଗ୍ରେଡେସନ ଭିତ୍ତିରେ ସରକାରୀ ସ୍ତରରେ ଖୋଲିବାକୁ ମଧ୍ୟ ସରକାରଙ୍କ ନିକଟରେ ଅନ୍ୟ ପ୍ରସ୍ତାବ ଦିଆଯାଇଛି । ଗଣଶିକ୍ଷାବିଭାଗର ନିଷ୍ପତ୍ତିରେ ବିଳମ୍ୱ ଯୋଗୁଁ ଶିକ୍ଷାବର୍ଷ ଆରମ୍ଭର ୫ମାସ ପରେ ମଧ୍ୟ ପିଲାଙ୍କୁ ବହି ମିଳିପାରୁନି କି ପାଠପଢା ଆରମ୍ଭ ହୋଇ ପାରୁନି । ବାଧ୍ୟ ହୋଇ ଛାତ୍ରୀଛାତ୍ର, ଅଭିଭାବକ ଓ ଗ୍ରାମବାସୀ ସୋମବାରଠାରୁ ଧାରଣାରେ ବସିଛନ୍ତି । ସରକାରୀଙ୍କ ନିଷ୍ପତ୍ତି ଆସିବା ପର୍ଯ୍ୟନ୍ତ ସେମାନଙ୍କର ଧାରଣା ଜାରି ରହିବ ବୋଲି ଲକ୍ଷ୍ମୀପ୍ରିୟା ଶିଅଳ, ଜୟନ୍ତୀ ରଥ, ଜୟନ୍ତୀ ବେହେରା, ସରସ୍ୱତୀ ଶିଅଳ, ହେମଲତା ଶିଅଳ, ମମତା ଶିଅଳଙ୍କ ସମେତ ଶତାଧିକା ଗ୍ରାମବାସୀ ଚେତାବନି ଦେଇଛନ୍ତି । ପୁର୍ବରୁ ଗୋଟିଏ କ୍ୟାମ୍ପସରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଥିଲା । ପ୍ରାଥମିକ ବିଦ୍ୟାଳୟ ଅର୍ଥାତ ପ୍ରଥମରୁ ପଞ୍ଚମ ସରକାରୀ ହୋଇଥିବା ବେଳେ ଉଚ୍ଚ ପ୍ରାଥମିକ ଅର୍ଥାତ ୬ଷ୍ଠ ଓ ୭ମ ଅନୁଦାନ ପ୍ରାପ୍ତ ବିଦ୍ୟାଳୟରେ ଅନ୍ତର୍ଭୁକ୍ତ ଥିଲା । ସରକାରୀ ନିୟମ ଅନୁଯାୟୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଶିକ୍ଷକ ବଦଳି ଓ ନିଯୁକ୍ତି ଲାଗୁନଥିବାରୁ ଶେଷ ଶିକ୍ଷକଭାବେ ରଘୁନାଥ ଦାସ ଜାନୁଆରୀ ମାସରେ ଅବସରଗ୍ରହଣ କରିବା ପରେ ଅଚଳବସ୍ଥା ଦେଖାଦେଇଥିଲା । ସ୍କୁଲ ଉଠିଯିବା ପରେ ପାଖାପାଖି ୩କିମି ପରିଧିରେ କୌଣସୀ ୟୁପି ସ୍କୁଲନଥିବାରୁ ହଜାର ହଜାର ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସରକାରିଭାବେ ପ୍ରାଥମିକ ବିଦ୍ୟାଳୟକୁ ଅପଗ୍ରେଡେସନ କରି ୬ଷ୍ଠ ରୁ ୮ମ ଅତିରିକ୍ତ ଶ୍ରେଣୀ ଖୋଲିବାକୁ ବ୍ଲକଶିକ୍ଷାଧିକାରୀ କାର୍ଯ୍ୟାଳୟରୁ ଚିଠିସଂଖ୍ୟା ୩୭୫୦ ତା୨/୧୧/୨୩ରିଖରେ ଜିଲା ଶିକ୍ଷାଧିକାରୀ ଏବଂ ଜିଲା ଶିକ୍ଷାଧିକାରୀ ଗୁରୁତ୍ୱ ଉପଲବ୍ଧି କରି ଓସେପା(ଓଡିଶା ସ୍କୁଲ ଏଜୁକେଶନ ପ୍ରୋଗ୍ରାମ ଅଥରିଟି)କୁ ଚିଠି କରିଥିଲେ । ସେହିଭଳି ଓସେପା ତରଫରୁ ଚିଠି ସଂଖ୍ୟା୧୬୭୧ ତା୮/୨/୨୪ରିଖରେ ସ୍କୁଲ ଅପଗ୍ରେଡେସନ ପାଇଁ ଗଣଶିକ୍ଷା ବିଭାଗକୁ ଚିଠି କରାଯାଇଥିଲା ।ଚିଠିର ପ୍ରତିଉତ୍ତର ଏପର୍ଯ୍ୟନ୍ତ ଆସିନାହିଁ । ଅନ୍ୟପଟେ ୫ମ ପାଶ କରିଥିବା ପିଲା ମାନେ ଏଭଳି ଘଡିସନ୍ଧି ମୁହୁର୍ତ୍ତରେ ଦ୍ୱନ୍ଦରେ ଘରେ ବସିଛନ୍ତି । ୬ଷ୍ଠ ଶ୍ରେଣୀ ଖୋଲିବା ଆଶା କମିକମି ଯାଉଥିବାରୁ ଏ ପର୍ଯ୍ୟନ୍ତ ସେମାନେ ନାମ ଲେଖାଇ ପାରୁନାହାଁନ୍ତି । ସେପଟେ ପାଖାପାଖି ଅନ୍ୟ କୌଣସି ୟୁପି ସ୍କୁଲ ନଥିବାରୁ ଅଭିଭାବକ ମାନେ ପିଲାଙ୍କ ଟିସି ବି ନେଇପାରୁ ନାହାଁନ୍ତି । ଏ ସମ୍ପର୍କରେ ଗୋଷ୍ଠୀ ଶିକ୍ଷାଧିକାରୀ ଗଦାଧର ଦାସଙ୍କୁ ଯୋଗାଯୋଗ କରିବାରେ ଗଣଶିକ୍ଷା ବିଭାଗ ରୁ ସ୍ୱିକୃତି ମିଳିବା ଉପରେ ସ୍କୁଲ ଖୋଲିବା ନିର୍ଭର କରୁଥିବା କହିଛନ୍ତି ।

# ଶ୍ରାବଣ ମାସ ଜଳଲାଗି ପୂର୍ବରୁ ବାଲିଘାଟ ପରିଦର୍ଶନ କଲେ ସଦର ବିଧାୟକ ମାନସ କୁମାର ଦତ୍ତ

ବାଲେଶ୍ୱର, ୧୮/୭ (ନି.ପ୍ର): ଶ୍ରାବଣ ମାସ ଆଗମନରେ ପବିତ୍ର ଶୈବପୀଠମାନଙ୍କରେ ପ୍ରତ୍ୟେକ ସୋମବାର ଜଳଲାଗି ଆରମ୍ଭ ହେବ । ଏହି କ୍ରମରେ ବାଲେଶ୍ୱର ସହରର ବୁଢାବଳଙ୍ଗ ନଦୀ କୂଳ ବାଲିଘାଟରୁ ହଜାର ହଜାର ଶ୍ରଦ୍ଧାଳୁ ଘଟ ଉତ୍ତୋଳନ ପୂର୍ବକ ନୀଳଗିରିର ପଂଚଲିଙ୍ଗେଶ୍ୱର ମେତ ଅନ୍ୟାନ୍ୟ ଅନ୍ୟାନ୍ୟ ଅଂଚଳର ଶିବମନ୍ଦିରକୁ ଜଳଲାଗି ପାଇଁ ଯିବେ । ଏହି ପରିପେକ୍ଷୀରେ ଶ୍ରଦ୍ଧାଳୁମାନଙ୍କ ପାଇଁ ଆବଶ୍ୟକୀୟ ମୌଳିକ ସୁବିଧା ସୁଯୋଗ ଅନୁଧ୍ୟାନ ପାଇଁ ବାଲିଘାଟ ଠାରେ ପହଂଚିଥିଲେ ସଦର ବିଧାୟକ ମାନସ କୁମାର ଦତ୍ତ । ସୋମବାର ଜଳ ଲାଗି ପାଇଁ ରବିବାର ଅପରାହ୍ନରୁ ଶ୍ରଦ୍ଧାଳୁମାନେ ସେମାନଙ୍କ ଯାତ୍ରା ଆରମ୍ଭ କରିଥାଆନ୍ତି । ନଦୀରେ ଗାଧୋଇବା ସହିତ କୂଳରେ ପୂଜାର୍ଚ୍ଚନା କରିଥାଆନ୍ତି ସେମାନେ । ସେଥିପାଇଁ ସମଗ୍ର ନଦୀତୁଠର ସଫେଇ କରିବା ପାଇଁ ପୌରପାଳିକା ଅଧିକାରୀଙ୍କୁ ବିଧାୟକ ଶ୍ର ଦତ୍ତ ନିର୍ଦ୍ଦେଶ ଦେଇଥିଲେ । ଏହା ସହିତ ଘାଟକୁ ମଧ୍ୟ ପରିଷ୍କାର ପରିଚ୍ଛନ ରଖିବା ପାଇଁ ସେ କହିଥିଲେ । ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ହେବାର ସମ୍ଭାବନାକୁ ଦୃଷ୍ଟିରେ ରଖି ନଦୀ ଘାଟରେ ସୁରକ୍ଷା ସହିତ ସମଗ୍ର ଅଂଚଳରେ ଅତିରିକ୍ତ ଆଲୋକ ବ୍ୟବସ୍ଥା କରିବାକୁ ଶ୍ରୀ ଦତ୍ତ ପରାମର୍ଶ ଦେଇଥିଲେ । ବାଲେଶ୍ୱର ପୌରପାଳିକା କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୀମାଂଚଳ ମିଶ୍ର ଓ କନିଷ୍ଠ ଯନ୍ତ୍ରୀ ପ୍ରଦୀପ ନାୟକଙ୍କ ସହ ବିଭିନ୍ନ ବିଭାଗର କର୍ମଚାରୀ ଏହି ଅବସରରେ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ରବିନାରାୟଣ ମହାପାତ୍ର, ଗୌରାଙ୍ଗ ଦାସ, ସୀତାକାନ୍ତ ସ୍ୱାଇଁ, ଲୋକନାଥ ଭୂୟାଁ, ଅନନ୍ତ ନାୟକ, ସୁଜିତ ଦେବ, ଯୋଗେନ୍ଦ୍ର ସାହୁ, ଅଶୋକ ଦାସ, ଯୋଗେନ ରଣା, ବିରଞ୍ଜନ ମହାରଣା, ଛବିନ୍ଦ୍ର ସାହୁ, ଯୋଗେନ୍ଦ୍ର ଖିଲାର, ତପନ ନନ୍ଦି, ଧିରଜ ମହାନ୍ତି, ମନୋରଞ୍ଜନ ନନ୍ଦି, ଶ୍ରୀୟା ଦାସ, ଆଶାଲତା ବାଡ଼ି, ପିଣ୍ଟୁ ପାଣିଗ୍ରାହୀ, ସୁରେନ ମାଝୀ, ରଞ୍ଜନ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ସୁଚିନ୍ତିତ ମତାମତ ଦେଇଥିଲେ ।



# ଅବକାରୀ ବିଭାଗର ଚଢ଼ାଉ : ଦୁଇ ଜଣ ଗିରଫ

ବେତନଟୀ , ୧୮/୭ (ନି.ପ୍ର): ବେତନଟୀ ଅବକାରୀ ଥାନା ଅଧୀନ ବଡ଼ସାହି ଅଞ୍ଚଳ ରେ ଆଜି ଅବକାରୀ ବିଭାଗ ଚଢାଉ କରି ଦେଶୀ ମଦ ଜବତ କରି ଦୁଇ ଜଣ ଙ୍କୁ ଗିରଫ କରିଛି ଅବକାରୀ ପୁଲିସ। ଅଭିଯୁକ୍ତ ମାନେ ହେଲେ ବଡ଼ସାହି ଥାନା ଅଧୀନ ତ୍ରିଲୋଚନପୁର ଗ୍ରାମ ର ଚାନ୍ଦିନୀ ସିଂ ଓ ସେହି ଗ୍ରାମର କୁନା ସିଂ ବୋଲି ଜଣାପଡିଛି। ଚଢ଼ାଉ ସମୟରେ ମୋଟ ତାଙ୍କ ପାଖରୁ ମୋଟ ୨୫ ଲିଟର ଦେଶୀ ମଦ ଜବତ କରାଯାଇଛି ଅଭିଯୁକ୍ତ ମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# ପଦ୍ମକେଶରୀପୁର ସୁଧ କାରବାର ଘଟଣାରେ ଆଉ ଦୁଇ ଗିରଫ

ଭୁବନେଶ୍ୱର, ୧୮/୭ (ନି.ପ୍ର): ରାଜଧାନୀ ଉପକଣ୍ଠ ପଦ୍ମକେଶରୀପୁରରେ ସୁଧ କାରବାର ଘଟଣାରେ ଆଉ ଦୁଇ ମହାଜନଙ୍କୁ ଗିରଫ କରିଛି କମିଶନରେଟ୍ ପୋଲିସ୍। ଗିରଫ ଦୁଇ ଅଭିଯୁକ୍ତ ହେଲେ ସୁବ୍ରତ ଦାସ ଏବଂ ତ୍ରିବେନ୍ଦ୍ର ଦାସ। ନିକଟରେ ପଦ୍ମକେଶରୀପୁରରେ ବୋମା ମାଡ ସାଙ୍ଗକୁ ହିଂସା ହୋଇଥିଲା। ଏହାପରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ତିଆରି ହୋଇଥିଲା ସ୍ପେଶାଲ ଟିମ୍ । ୨ ଜଣକୁ ଗିରଫ କରିବା ପରେ ଅନ୍ୟମାନଙ୍କୁ ଧରିବା ପାଇଁ ତାଲିକା ପ୍ରସ୍ତୁତ କରିଛି ପୋଲିସ । ଏହି ଘଟଣାରେ ମୋଟ ୪ଟି ମାମଲା ରୁଜୁ ହୋଇଛି, ଏଥିରେ ଦାଦାବଟି ଆଦାୟ ପାଇଁ ୪ଟି ଏବଂ ମନି ଲଣ୍ଡ୍ରିଂ ପାଇଁ ୨ଟି ମାମଲା ରୁଜୁ ହୋଇଛି। ଅନ୍ୟ ଅଭିଯୁକ୍ତଙ୍କୁ ଚିହ୍ନଟ ଚାଲିଛି । ଗାଁରେ ହିଂସାକାଣ୍ଡ ନେଇ ପୋଲିସ ତଦନ୍ତ କରୁଛି । ସୁଧ କାରବାରରୁ ହିଂସା ସୃଷ୍ଟି ହୋଇଥିବା ଜାଣିବାକୁ ପାଇଛି ପୋଲିସ । ସୁଧ କାରବାର କରୁଥିବା ମହିଳା ଓ ପୁରୁଷଙ୍କ ତାଲିକା ପ୍ରସ୍ତୁତ କରିଛି ପୁଲିସ । ଏମାନେ ମାସିକ ୨୦ ପ୍ରତିଶତ ସୁଧ ଦେଇ ଲୋକଙ୍କୁ ଶୋଷଣ କରୁଥିଲେ ବୋଲି ଜଣାପଡିଛି।

# ଖରଡ଼ିଆଠାରେ ନୂତନ ମଙ୍ଗଳା ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ



ନୀଳଗିରି , ୧୮/୭ (ନି.ପ୍ର): ନୀଳଗିରି ବ୍ଲକ ଅନ୍ତର୍ଗତ ଜାମୁଡ଼ିହା ପଞ୍ଚାୟତ ଖରଡିଆ ଗ୍ରାମରେ ନୂତନ ମଙ୍ଗଳା ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମନ୍ଦିର ପ୍ରତିଷ୍ଠା ଉତ୍ସବ ୩ ଦିନ ଧରି ଚାଲିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ମନ୍ଦିର ପ୍ରତିଷ୍ଠା ପ୍ରଥମଦିନ କଳସ ଯାତ୍ରାରେ ୧୦୮ ରୁ ଉର୍ଦ୍ଧ୍ୱ କଳସ ସ୍ଥାପନ କରାଯାଇଥିଲା ବେଳେ ୩ ଦିନଧରି ପ୍ରସାଦ ସେବନର ବ୍ୟବସ୍ଥା ସହିତ ଭଜନ ସନ୍ଧ୍ୟାର ଆୟୋଜନ ମଧ କରାଯାଇଥିବା କୁହାଯାଉଛି। ରୀତିନୀତି ଅନୁଯାୟୀ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ କରାଯାଇଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଗଜେନ୍ଦ୍ର ନାୟକ, ସନ୍ତୋଷ ବିଶ୍ୱାଳ, ଅଜିତ୍ ପତି, ବିଜୟ ସ୍ୱାଇଁ, ମଣ୍ଟୁ ନାୟକ, ଟୁନା ନନ୍ଦ, ଟୁନୁ ବିଶ୍ୱାଳ, ବାପୁ ନାୟକ, ବାବାଜୀ ନାୟକ ଉପସ୍ଥିତ ରହି ମନ୍ଦିର ପ୍ରତିଷ୍ଠା ଉତ୍ସବରେ ସହଯୋଗ କରିଥିବା ଦେଖିବାକୁ ମିଳିଛି।

# ସୁନାବେଶ ଉପଲକ୍ଷେ ହରିବୋଲ କ୍ଷେତ୍ରରେ ଭଜନ ସମାରୋହ

ଭଦ୍ରକ, ୧୮/୭ (ନି.ପ୍ର): ଭଦ୍ରକ ଜିଲ୍ଲାର ପ୍ରସିଦ୍ଧ ହରିବୋଲ କ୍ଷେତ୍ର କେଶପୁର ରଥଯାତ୍ରା ପାଳନ ଅବସରରେ ତିନି ରଥ ଉପରେ ବୁଧବାର ଦିନ ସୁନାବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥି ଉପଲକ୍ଷେ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ତରଫରୁ ଅନୁମୋଦିତ ଚକାଡ଼ୋଳା ଭଜନ ସମାରୋହ ସାଂସ୍କୃତିକ ଦଳ ଦ୍ୱାରା ଭକ୍ତିଭରା ଭଜନ ପରିବେଷଣ କରାଯାଇଥିଲା। ସୁଦୁର ମୟୂରଭଞ୍ଜ ଜିଲ୍ଲାର କପ୍ତିପଦା ଉପଖଣ୍ଡ ଉଦଳା ନିକଟସ୍ଥ ଡ଼ିହିରାକୁଳ ଗ୍ରାମରୁ ଆସିଥିବା ଉକ୍ତ ଦଳର ମୁଖ୍ୟ ଦୂରଦର୍ଶନ କଣ୍ଠଶିଳ୍ପୀ ବିଶ୍ୱନାଥ ପଣ୍ଡା ଏବଂ ତାଙ୍କ ଦଳର ଅନ୍ୟ କଣ୍ଠଶିଳ୍ପୀମାନେ ଜଗନ୍ନାଥଙ୍କ ଜଣାଣ ଓ ଭଜନ ପରିବେଷଣ କରି ପରିବେଶକୁ ଭାବଭକ୍ତି ମୟ କରିବା ସହିତ ଶ୍ରଦ୍ଧାଳୁ ମାନଙ୍କ ମନୋରଞ୍ଜନ କରିଥିଲେ। ଜଗନ୍ନାଥ ମନ୍ଦିର କମିଟିର ସଭାପତି ନଗେନ୍ କୁମାର ଦାସଙ୍କ ଅଧକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କମିଟି ସମ୍ପାଦକ ସରୋଜ କୁମାର ପଣ୍ଡା ଅନ୍ୟତମ ସଦସ୍ୟ ବିଜୟ କୁମାର ସାହୁ, ଶ୍ରୀଧର ପୁହାଣ, ପତିତପାବନ ପଣ୍ଡା, ସଞ୍ଜୟ ସାହୁ, ସନ୍ତୋଷ ନାୟକ, ବସନ୍ତ ବେହେରା, ପୀତବାସ ମୁଦୁଲି ପ୍ରମୁଖଙ୍କ ଦ୍ୱାରା ଭଜନ ଦଳର ସମସ୍ତ କଳାକାର ଓ ଅତିଥି ଭାବେ ଭଦ୍ରକ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଓ ସ୍ଥାନୀୟ ପ୍ରବଚକ ଓ ଧାରାବିବରଣୀ ପ୍ରଦାନକାରୀ ତଥା ଜଗନ୍ନାଥ ଦର୍ଶନ ପ୍ରଚାର ସେବା ସମିତିର ସମ୍ପାଦକ ଶରତ ସାହୁଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧିତ ହୋଇଥିବା ଅନ୍ୟ କଳାକାର ମାନଙ୍କ ମଧ୍ୟରେ ଥିଲେ ବରିଷ୍ଠ ଗାୟିକା ମିତାଞ୍ଜଳୀ ଦାଶ, ଯୁବ ଗାୟକ ଚନ୍ଦନ ମହାନ୍ତି ଯୁବ ଗାୟିକା ସ୍ମୃତିରେଖା ନାୟକ ଓ ବାଦ୍ୟଶିଳ୍ପୀ ଅନିରୁଦ୍ଧ ବେହେରା, ବିଶ୍ୱନାଥ ପ୍ରଧାନ, ପର୍ଶୁରାମ ସାହୁ, ଶିଶିର କୁମାର ପାତ୍ର ଏବଂ ଅନୁଷ୍ଠାନର ପରିଚାଳକ ଜ୍ୟୋତିପ୍ରକାଶ ପଣ୍ଡା, ଯୁଗ୍ମ ସହପରିଚାଳକ ରାଜଲକ୍ଷ୍ମୀ ପଣ୍ଡା ଏବଂ ଅକ୍ଷୟ କୁମାର ନାୟକ ପ୍ରମୁଖ।



# ୨୬୦ ଲିଟର ଦେଶୀ ମଦ ଜବତ: ଦୁଇଟି ଗାଡି ସହ ୨ ଗିରଫ



ବସ୍ତା,୧୮।୭(ନିପ୍ର):ଗୁରୁବାର ବସ୍ତା ଅବକାରୀ ବିଭାଗ ପକ୍ଷରୁ ବସ୍ତା ଥାନା ରେଣୁପଦା ଗାଁରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ଚୋରା ମଦ ଜବତ ସହ ୨ ଜଣ ଗିରଫ ହୋଇଛନ୍ତି। ସୂଚନାରୁ ପ୍ରକାଶ ଯେ ଚୋରା ମଦ କାରବାର ହେଉଥିବା ଖବର ପାଇ ବସ୍ତା ଅବକାରୀ ଅଧିକାରୀ ଗଙ୍ଗାମଣି ହେମ୍ବ୍ରମ, ଅନୁସନ୍ଧାନ ଅଫିସର ବସନ୍ତ କୁମାର ବାରିକ, ଗଣେଶ ସିଂହ ପ୍ରମୁଖ ସଦଳ ବଳେ ରେଣୁପଦାରୁ ହେମନ୍ତ ରଣା ଙ୍କୁ ଗିରଫ କରାଯାଇ କେଶ ନଂ ୫୧ - ୨୦୨୪ରେ ମାମଲା ରୁଜୁ ହୋଇ ତା' ଠାରୁ ୧୪୦ ଲିଟର ଦେଶୀ ମଦ ଓ ଗୋଟିଏ ବଜାଜ ପଲସର ବାଇକ ( ଓଆର ୨୨ ସି ୯୨୩୫) ଜବତ ହୋଇଛି। ସେହିପରି ସେହି ଗାଁରୁ ଅନ୍ୟ ଜଣେ ଅଭିଯୁକ୍ତ ଶଶିକାନ୍ତ ବେହେରାଙ୍କୁ ଗିରଫ କରାଯାଇ କେଶ ନଂ ୫୦ - ୨୦୨୪ ରେ ମାମଲା ରୁଜୁ ହୋଇ ତା'ଠାରୁ ୧୨୦ ଲିଟର ଦେଶୀ ମଦ ଜବତ ସହ ଟିଭିଏସ ଆପାଚି ବାଇକ (ଓଡ଼ି ୦୧ ଏଟି ୨୮୭୩ ) ଜବତ ହୋଇଛି। ଅଭିଯୁକ୍ତ ମାନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି।

# ସଡ଼କ ଦୁର୍ଘଟଣା : ଦୁଇ ଗୁରୁତର

ବେତନଟୀ , ୧୮/୭ (ନି.ପ୍ର): ବେତନଟୀ ଥାନା ଅଧୀନ କେସିପୁର ଚର୍ଚ ନିକଟରେ ଆଜି ସଂଧ୍ୟା ରେ ଏକ ବାଇକ୍ ଦୂର୍ଘଟଣା ରେ ଦୁଇ ଜଣ ଗୁରୁତର ହୋଇଛନ୍ତି। ଗୁରୁତର ମାନଙ୍କୁ ଦୂର୍ଘଟଣା ସ୍ଥଳରୁ ଉଦ୍ଧାର କରାଯାଇ ବାରିପଦା ପିଆରେମ ମେଡିକାଲ କଲେଜ ରେ ଭର୍ତ୍ତି କରାଯାଇଥିବା ବେଳେ ଅଧୀକ ଗୁରୁତର ଥିବାରୁ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତରିତ କରାଯାଇଛି । ଗୁରୁତର ବାଇକ ଆରୋହୀ ହେଉଛନ୍ତି ବାରିପଦା ଦେଉଳ ସାହୀ ର ସ୍ୱାତିକ ମହାପାତ୍ର ଓ ଗାଡି ପଛରେ ବସିଥିବା ପିଉସୀ ମଞ୍ଜୁ ଦାସ ବୋଲି ଜଣାପଡିଛି । ଘଟଣା ରୁ ପ୍ରକାଶ ଏହି ପିଉସୀ ଓ ପୁତୁରା ଗୋଟିଏ ସ୍କୁଟି ରେ ବାରିପଦା ରୁ ବେତନଟୀ ଅଭିମୁଖେ ଆସୁଥିବା ବେଳେ କେସିପୁର ଚର୍ଚ ନିକଟରେ ପୋଲ ବାଡାରେ ବାଜିବାରୁ ଦୁର୍ଘଟଣା ଗ୍ରସ୍ତ ହୋଇଥିବାର ଜଣାପଡିଛି ।

# ଦୃଷ୍ଟି ବାଧିତ ଛାତ୍ରଛାତ୍ରୀଙ୍କୁ ସୁନେତ୍ର ଶିବିରରେ ଜିଲ୍ଲାପାଳଙ୍କ ଦ୍ୱାରା ଚଷମା ବଣ୍ଟନ



ବାରିପଦା, ୧୮/୭ (ନି.ପ୍ର): ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାରେ ଦୃଷ୍ଟି ବାଧିତ ଛାତ୍ର ଛାତ୍ରୀଙ୍କୁ ସୁନେତ୍ର ଯୋଜନା ମାଧ୍ୟମରେ ଚଷମା ବଣ୍ଟନ କରାଯାଇଥିଲା। ଜିଲ୍ଲା ସମଗ୍ର ଶିକ୍ଷା ଅଭିଯାନ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମ ସ୍ଥାନୀୟ ପ୍ରୟାସ ହଲ ଠାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଯୋଗ ଦେଇଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ ଅଭୟ କୁମାର ଦାଶ, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ପୂର୍ଣଚନ୍ଦ୍ର ସେଠି ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଅବିନାଶ ପାଣି ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ କହିଥିଲେଯେ ଯୁବାବସ୍ଥା ରୁ ଦୃଷ୍ଟି ଦୋଷ ହେବା ଆଜିକା ସମୟରେ ଏକ ଚିନ୍ତାଜନକ ବିଷୟ ଏବଂ ଏଥି ନିମନ୍ତେ ସଜାଗ ରହିବା ନିହାତି ଆବଶ୍ୟକ। ଅଧିକ ମାତ୍ରାରେ ମୋବାଇଲ ଫୋନ, ଦୂରଦୃଷ୍ଟିସମ୍ପନ୍ନ ଇଲେକ୍ଟ୍ରୋନିକ୍ ଗ୍ୟାଜେଟ୍ ମାନଙ୍କର ବ୍ୟବହାର କମ କରିବା ଆବଶ୍ୟକ ବୋଲି ଶ୍ରୀ ଶିନ୍ଦେ କହିଥିଲେ। ସୂଚନା ଥାଉକି ଜିଲ୍ଲାରେ ସର୍ବମୋଟ ୨,୯୪୭ ଜଣ ଛାତ୍ର ଛାତ୍ରୀ ଦୃଷ୍ଟି ଦୋଷ ସମସ୍ୟା ସହିତ ଚିହ୍ନଟ ହୋଇଥିବା ବେଳେ ବାରିପଦାରେ ଆଜି ୩୦୦ ଜଣଙ୍କୁ ଚଷମା ବଣ୍ଟନ କରା ଯାଇଥିଲା। ଆଗାମୀ ଦିନ ଗୁଡିକରେ ସମସ୍ତ ବ୍ଲକ ମାନଙ୍କରେ ଏହି ଦୃଷ୍ଟି ଦୋଷ ସମସ୍ୟା ଥିବା ଛାତ୍ର ଛାତ୍ରୀଙ୍କୁ ସୁନେତ୍ର ଶିବିର ମାଧ୍ୟମରେ ଚଷମା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି ।ଆଜିର ଏହି କାର୍ଯ୍ୟକ୍ରମର ସଂଯୋଜନା ତଥା ସଂଚାଳନା, ମୟୂରଭଞ୍ଜ ଡିପିସିର ସଂଯୋଜକ, ଶ୍ରୀ ଆରକେ ନାୟକ କରିଥିବା ବେଳେ ଗୋଷ୍ଠି ସମ୍ବଳ ଶିକ୍ଷକ ଶ୍ରୀମତୀ ରେଖାରଣୀ ଦାସ ଓ ଶ୍ରୀ ଦିଲୀପ କୁମାର ଦାସ ତଥା ସମସ୍ତ ଗୋଷ୍ଠି ଆଞ୍ଚଳିକ ସାଧନ କର୍ମୀଙ୍କ ସହଯୋଗରେ ଶିବିରଟି ପରିଚାଳିତ ହୋଇଥିଲା।

# ବିଷାକ୍ତ ଛତୁ ଖାଇ ୪ ଅସୁସ୍ଥ: ୩ ଜଣ ଫକୀରମୋହନ ମେଡିକାଲ କଲେଜ ସ୍ଥାନାନ୍ତର

ନୀଳଗିରି, ୧୮/୭ (ନି.ପ୍ର): ଜଙ୍ଗଲରୁ ବିଷାକ୍ତ ଛତୁ ଖାଇବା ପରେ ପରିବାରର ଚାରି ଗୁରୁତର ହୋଇଛନ୍ତି । ସେଥିମଧ୍ୟରୁ ତିନିଜଣଙ୍କ ଅବସ୍ଥା ଗୁରୁତର ହେବାରୁ ରେମୁଣା ସ୍ଥିତ ଫକୀର ମୋହନ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଛି । ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଞ୍ଚାୟତ ହୁଡିସାହି ଗ୍ରାମର ସତୁରା ସିଂ (୭୦) ଙ୍କ ପରିବାରରେ । ଗୁରୁବାର ସକାଳେ ସତୁରା ନିକଟସ୍ଥ କୁଲଡିହା ଜଙ୍ଗଲର ପାଦଦେଶରୁ ଛତୁ ଆଣିଥିଲେ । ପରେ ରୋଷେଇ କରି ସପରିବାର ଉକ୍ତ ଛତୁ ତରକାରୀ ଖାଇଥିଲେ । ଖାଇବାର ଏକ ଘଣ୍ଟା ପରେ ଛତୁ ଖାଇଥିବା ଲୋକଙ୍କ ଭିତରେ ସତୁରା ସମେତ ତାଙ୍କ ପୁତ୍ରବଧୂ ଟୁଙ୍ଗୁରି ସିଂ (୫୦), ଜେମା ସିଂ(୨୦), ଓ ଦେଢ଼ ବର୍ଷର ଶିଶୁ ଶୁଭଶ୍ରୀ ସିଂଉକ୍ତ ତରକାରୀ ଖାଇଥିଲେ। ପ୍ରଥମେ ଦୁଇ ନାତୁଣୀଙ୍କୁ ବାନ୍ତି ହୋଇଥିଲା । ଗ୍ରାମବାସୀ ଖବରପାଇ ପ୍ରଥମେ ନୀଳଗିରି ଡାକ୍ତରଖାନାକୁ ଆଣି ଚିକିତ୍ସା କରାଇଥିଲେ। ପରେ ପୁତ୍ରବଧୂ ଓ ଦୁଇ ନାତୁଣୀର ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଫକୀର ମୋହନ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଥିବା ସୂଚନା ମିଳିଛି।



❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo